Bhubaneswar- 23 may 2026
ଭୁବନେଶ୍ୱର- ୨୩ ମେ’ ୨୦୨୬
Vol- 1 Issue - 27
ଭାଗ- ୧ ସଂଖ୍ୟା- ୨୭
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

୬୬ କୋଟି ଟଙ୍କାର ହେବ ହସ୍ତତନ୍ତ ହବ୍

■ କଟକ, ବରଗଡ଼ ଓ ଯାଜପୁରରେ ହେବ ପ୍ରତିଷ୍ଠା
■ ବୁଣାକାର ହାଟ ଓ ପୋଷାକ ପାର୍କ ନିର୍ମାଣ ହେବ

ଭୁବନେଶ୍ୱର: କଟକ, ବରଗଡ଼ ଏବଂ ଯାଜପୁର ଜିଲ୍ଲାରେ ପ୍ରାୟ ୬୬ କୋଟି ଟଙ୍କା ବିନିଯୋଗରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ବୈଠକରେ ରାଜ୍ୟର ୩ଟି ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । କଟକ ଜିଲ୍ଲାର ଅଭିମାନପୁରଠାରେ ୧୩.୫୧ କୋଟି ଟଙ୍କା ବ୍ୟୟରେ ୨.୭୭ ଏକର ସ୍ଥାନରେ ଏ.ଆଇ ଓ ବ୍ଲକ ଚେନ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା । ଏଠାରେ ପ୍ରଶାସନିକ କାର୍ଯ୍ୟାଳୟ ସହ ଅତିଥି ଗୃହ, ଡିସ୍‌ପ୍ଲେ ସପ୍, କପଡ଼ା ବୟନ କେନ୍ଦ୍ର ପ୍ରଦର୍ଶନୀ ଅଞ୍ଚଳ ସହ ବିକ୍ରୟ ଷ୍ଟଲ, ଗୋଦାମ ଗୃହ ଆଦି କ୍ଷେତ୍ର ନିର୍ମିତ ହେବ। ଏହା ସ୍ଥାନୀୟ ଅଞ୍ଚଳରେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଟେରାକୋଟା କ୍ଷେତ୍ରକୁ ଏକ ନୂତନ ଦିଗ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ପ୍ରୋତ୍ସାହିତ କରିବ। ସେହିପରି ବରଗଡ଼ ଜିଲ୍ଲାରେ ୨୦ କୋଟି ଟଙ୍କା ବ୍ୟୟରେ ହସ୍ତତନ୍ତ ଓ ସାମଗ୍ରୀ ପରିବହନ ଓ ଯାତାୟତ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ, ପାର୍କିଂ ବ୍ୟବସ୍ଥା ଓ ଫୁଡ୍ ଷ୍ଟଲ୍‌ର ବ୍ୟବସ୍ଥା ରହିବ । ୨୯.୧୨ ଏକର ପୋଷାକ ପାର୍କ ପ୍ରତିଷ୍ଠା ନେଇ ଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି । ବରଗଡ଼ର ଗୋବିନ୍ଦପୁର ମଉଜାରେ ୯.୩୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ପାର୍କ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର ଓ ବଲାଙ୍ଗିର ଅଞ୍ଚଳ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ। ଏଠାରେ ଲଙ୍ଗ ୱାରପିଂ, ୱାଇଡ଼ିଂ, ବୁଣା କାର୍ଯ୍ୟ ସହିତ ଉଚ୍ଚ ମାନର ସିଲାଇ ମେସିନ୍‌ର ବ୍ୟବହାର କରି ୩୦୦ରୁ ଅଧିକ କାରିଗରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପୋଷାକ ପ୍ରସ୍ତୁତି ସମ୍ଭବ ହୋଇପାରିବ । ବରଗଡ଼ ଜିଲ୍ଲାର ବେହେରା ବାଲିଜୁରୀ ଠାରେ ବୁଣାକାର ହାଟ ସ୍ଥାପନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ହସ୍ତତନ୍ତ ପଣ୍ୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ୨୦୦୦ଟି ପିଣ୍ଡିର ବିକାଶ ସହ ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ବୁଣାକାର ହାଟ ଲାଗି ୨୭.୫୭ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ସେହିପରି ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ଏଆଇ ଏବଂ ବ୍ଲକ୍‌ଚେନ୍ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଛି । ପ୍ରାୟ ୨ ଏକର ଜମିରେ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ହବ୍ ସିଲ୍‌କ ଶାଢ଼ି, ବସ୍ତ୍ର ଓ ଗୃହସଜ୍ଜା ସାମଗ୍ରୀ ଉତ୍ପାଦନ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । ଏଠାରେ ଉତ୍ପାଦନ ଭିତ୍ତିଭୂମି, ଯୋଗାଣ ଶୃଙ୍ଖଳ, ପ୍ରଶିକ୍ଷଣ ଓ ବିପଣନ ସୁବିଧା, ସ୍ୱତନ୍ତ୍ର ଷ୍ଟଲ, ପ୍ରଶାସନିକ କାର୍ଯ୍ୟାଳୟ ରହିବା ସହ ରେଶମ ଓଡ଼ିଶା ଆଉଟ୍‌ଲେଟ୍ ପ୍ରତିଷ୍ଠା କରାଯିବ ।

ଭୋଜି ଖାଇବାକୁ ଯିବା ହେଲା କାଳ

ଅଟୋ-ଯାତ୍ରୀବାହୀ ବସ୍ ଧକ୍କା

୬ ମୃତ, ୬ ଗୁରୁତର

■ ବସ ଡ୍ରାଇଭର ଫେରାର, ହେଲ୍ପର ଗାଡି ନେଇ ଥାନାରେ ହାଜର
■ ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା

ବେଗୁନିଆପଡା: ଆଉ କିଛିସମୟ ପରେ ପରିବାର ରେ ହୋଇଥାନ୍ତା ଖୁସି ର ମାହୋଲ, ଶକ୍ତିପୀଠ ମା ସିଂହାସନି ଙ୍କ ପୀଠରେ ପରିବାର ସଦସ୍ୟ ଙ୍କ ମୁଣ୍ଡନ ସହିତ ଭୋଜି ଖାଇବା ମଜା ମିଳିଥାନ୍ତା, କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା ! ଆଉ ମାତ୍ର କିଛି ମିନିଟ ବ୍ୟବଧାନରେ ପହଞ୍ଚି ଥାନ୍ତେ ଗନ୍ତବ୍ୟ ସ୍ଥଳରେ, ହଠାତ ଆଖି ପିଛୁଳାକେ ସବୁ କିଛି ଏପଟ ସେପଟ ହୋଇଗଲା..... ଆଉ ପାରିକୁ ଚାଲିଗଲେ ୬ ସଦସ୍ୟ । ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଯାଇଛି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଲଡକାପଲ୍ଲୀ ଛକରେ । ଏକ ଯାତ୍ରୀବାହୀ ବସ ଗୋଟିଏ ଯାତ୍ରୀବାହୀ ଅଟୋ କୁ ଧକ୍କାଦେବା ଫଳରେ ଅଟୋରେ ବସିଥିବା ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଥିବା ଜଣାପଡିଛି । ପ୍ରତ୍ୟକ୍ଷ୍ୟଦର୍ଶୀ ଙ୍କ ସୂଚନା ଅନୁଯାୟୀ ଗୋଟିଏ ଯାତ୍ରୀବାହୀ ଅଟୋ ବ୍ରହ୍ମପୁର ନିକଟ ସୋରଳ ରୋଡ୍ ଏରେଣ୍ଡ୍ରା ରୁ କୋଦଳା ନିକଟ ଶକ୍ତିପୀଠ ସିଂହାସନୀ କୁ ଏକ ମୁଣ୍ଡନ ଭୋଜି କାର୍ଯ୍ୟକ୍ରମ ରେ ଯୋଗ ଦେବାକୁ ଯାଉଥିବା ବେଳେ ପୁରୁଷୋତ୍ତମପୁର ଥାନା ସିକୁଲା ନିକଟସ୍ଥ ଲଡକାପଲୀ ବୁଲାଣି ରାସ୍ତା ଠାରେ ଡାଇମଣ୍ଡ ନାମକ ଏକ ଯାତ୍ରୀବାହି ବସ୍ ଅଟୋକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଅଟୋଟି ସମ୍ପୂର୍ଣ ଲୋଚାହୋଇ ବିଲମଧ୍ୟକୁ ଖସିପଡ଼ିଥିଲା, ସେଠାରେ ଉପସ୍ଥିତ ଲୋକେ ଦମକଳ, ଆମ୍ବୁଲାନ୍ସ ଓ ପୋଲିସ କର୍ମଚାରୀଙ୍କୁ ଖବର ଦେବାପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ପୋଲିସ କର୍ମଚାରୀ ପହଞ୍ଚି ଆହତଙ୍କୁ କଟର ସାହାଯ୍ୟ ରେ ଅଟୋ ରୁ ଉଦ୍ଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ୬ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମୃତକଙ୍କ ମଧ୍ୟରେ ୨ ନାବାଳିକା ରହିଥିବା ବେଳେ ଗୁରୁତର ଙ୍କ ମଧ୍ୟରେ ଜଣେ ନାବାଳିକା ଥିବା ସୂଚନା ମିଳିଛି । ନାବାଳିକା ୨ ଜଣଙ୍କ ବୟସ ୧୦ ରୁ ୧୨ ବର୍ଷ ମଧ୍ୟରେ ହୋଇଥିବା ସୂଚନା ମିଳିଛି। ମୃତକ ମାନେ ହେଲେ କିରଣ ବେହେରା (୧୦) ସନି ବେହେରା (୧୨) ନୀଳା ବେହେରା (୫୦) ନାରସୁ ବେହେରା (୪୩) ରତନୀ ବେହେରା (୪୦) ମଲ୍ଲି ବେହେରା (୭୫)। ଗୁରୁତର ମାନେ ହେଲେ ଅଳକା ବେହେରା (୧୭) କନକ ବେହେରା (୬୦) ଭାଗ୍ୟ ବେହେରା (୫୫) ଝିଲି ବେହେରା (୪୦), ଗୀତାଞ୍ଜଳି ବେହେରା ଓ ଅଟୋ ଡ୍ରାଇଭର ବାବୁ ପ୍ରଧାନ । ଏହି ମର୍ମନ୍ତୁଦ ହୃଦୟ ବିଦାରକ ଖବର ପାଇ ସ୍ଥାନୀୟ ଜନସାଧାରଣ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୁଣ୍ଡ ହୋଇଥିବା ବେଳେ ପୁରୁଷୋତ୍ତମପୁର ଏସଡିଓ ସୁଜିତ୍ କୁମାର ନାୟକଙ୍କ ସମେତ କୋଦଳା ଓ ପୁରୁଷୋତ୍ତମପୁର ପୋଲିସ କର୍ମଚାରୀ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରୁଛନ୍ତି। ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ! ପୁରୁଷୋତ୍ତମପୁର ଥାନାରେ ଦୁର୍ଘଟଣା ଘଟାଇଥିବା ଗାଡି ଜବତ କରାଯାଇଥିବା ନେଇ ଏସ୍ଡିପିଓ ପ୍ରକାଶ କରିଛନ୍ତି କାହିଁକି ଏବଂ କେମିତି ଏହି ଦୁର୍ଘଟଣା ଘଟିଲା ତାର ତଦନ୍ତ କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସେପଟେ ଏହି ଦୁର୍ଘଟଣା ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତ୍ତି ଭାସନ । ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା କରିଛନ୍ତି । ରେଡକ୍ରସ୍ ପକ୍ଷରୁ ୩୦ ହଜାର ଟଙ୍କାର ସହାୟତା ରାଶି ପାଇଁ ଘୋଷଣା କରାଯାଇଛି ।

ଶକ୍ତିକ୍ଷେତ୍ର ସଂସ୍ଥାରେ ୬ ମାସ ପାଇଁ ଧର୍ମଘଟ ଅସିଦ୍ଧ

ଭୁବନେଶ୍ୱର : ପଶ୍ଚିମ ଏସିଆର ଯୁଦ୍ଧସ୍ଥିତି ଗମ୍ଭୀର ହେଉଥିବା ବେଳେ ଦେଶରେ ତେଲ ସଙ୍କଟର ଚାପ ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ‘ଇନ୍ଧନ ଖର୍ଚ୍ଚର ସଂଯମତା’ ରକ୍ଷା କରିବା ଆରମ୍ଭ କରିଥିବା ବେଳେ ଶକ୍ତିକ୍ଷେତ୍ର ସହ ଜଡ଼ିତ ସଂସ୍ଥାଗୁଡ଼ିକରେ ସମସ୍ତ ପ୍ରକାର ଧର୍ମଘଟକୁ ୬ ମାସ ନିମନ୍ତେ ନିଷିଦ୍ଧ କରାଯାଇଛି। ଗୃହ ବିଭାଗର ବିଶେଷ ଶାଖା ପକ୍ଷରୁ ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ଅତ୍ୟାବଶ୍ୟକ ସେବା (ପରିଚାଳନା) ଆଇନ ୧୯୮୮ ବଳରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ନୂତନ ଆଦେଶ ଅନୁସାରେ, ଗ୍ରିଡ୍‌କୋ, ଓପିଟିସିଏଲ୍, ଓଏଚ୍‌ପିସି, ଓପିଜିସି, ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍, ଟିପିଡବ୍ଲୁଓଡିଏଲ୍ ଭଳି ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ନିଷେଧାଦେଶର ପରିସରକୁ ଅଣାଯାଇଛି। ଏଥିସହ ରାଜ୍ୟର ଅନ୍ୟାନ୍ୟ ଶକ୍ତି ଉତ୍ପାଦନ ସଂସ୍ଥାମାନଙ୍କ କ୍ଷେତ୍ରରେ ମଧ୍ୟ ଏହି କଟକଣା ଲାଗୁ ହେବ। ଏହାର ଫଳରେ ଏହି ସଂସ୍ଥାଗୁଡ଼ିକର କର୍ମଚାରୀ, ଇଞ୍ଜିନିୟର ଓ ଅନ୍ୟ ସଂପୃକ୍ତ ସେବାକର୍ମୀମାନେ ଧର୍ମଘଟ କିମ୍ବା କାମ ବନ୍ଦ ଆନ୍ଦୋଳନ କରିପାରିବେ ନାହିଁ। ଅନଧିକୃତ ଭାବେ କାର୍ଯ୍ୟରୁ ଅନୁପସ୍ଥିତ ରହିବାକୁ ମଧ୍ୟ ଏହି ଆଇନ ଅନୁଯାୟୀ ଧର୍ମଘଟର ଶ୍ରେଣୀରେ ଗଣାଯିବ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି।

ଆହୁରି ଗାଡ଼ି ସଂଖ୍ୟା କମାଇଲେ ମୁଖ୍ୟମନ୍ତ୍ରୀ

୭ ବଦଳରେ ୪ ଗାଡ଼ିରେ ସୀମିତ ରହିଲା କାରକେଡ଼୍

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୁଣି ଏକ ବଡ଼ ଏବଂ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ନିଜ କାରକେଡ୍ (କାର ପଟୁଆର)ରେ ଥିବା ଗାଡ଼ି ସଂଖ୍ୟାକୁ ସେ ଆହୁରି କମାଇ ଦେଇଛନ୍ତି। ଏଣିକି ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌ରେ ୭ଟି ବଦଳରେ ମାତ୍ର ୪ଟି ଗାଡ଼ି ସୀମିତ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପିଲ୍ ପରେ ମୁଖ୍ୟମନ୍ତ୍ରୀ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଓ ଯାତାୟାତ ପାଇଁ ତାଙ୍କ କାରକେଡ୍‌ରେ ୭ଟି ଗାଡ଼ି ସାମିଲ ରହୁଥିଲା। କିନ୍ତୁ ଏବେ ଏହି ସଂଖ୍ୟାକୁ ପ୍ରାୟ ଅଧା କରି ଦିଆଯାଇଛି। ନୂତନ ନିଷ୍ପତ୍ତି ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଏବେ କେବଳ ୪ଟି ଗାଡ଼ିକୁ ନେଇ ଚାଲିବ। ଏହାଦ୍ୱାରା ମୁଖ୍ୟମନ୍ତ୍ରୀ ଯାତାୟାତ କରିବା ସମୟରେ ରାସ୍ତାରେ ଟ୍ରାଫିକ ସମସ୍ୟା କମ୍ ହେବ ଏବଂ ସାଧାରଣ ଜନତାଙ୍କୁ ଅଯଥା ହଇରାଣ ହେବାକୁ ପଡ଼ିବ ନାହିଁ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଆଇପି ସଂସ୍କୃତିକୁ କମ୍ କରିବା ଏବଂ ଜନସାଧାରଣଙ୍କ ସୁବିଧାକୁ ପ୍ରାଥମିକତା ଦେବା ପାଇଁ ସମସ୍ତଙ୍କୁ ଅପିଲ୍ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ରକ୍ଷା କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜ ଗାଡ଼ି ସଂଖ୍ୟା ହ୍ରାସ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ତାଙ୍କର ସରଳ ଜୀବନଶୈଳୀ ଓ ‘ଲୋକଙ୍କ ସରକାର’ର ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଦଇତାପତି ନିଯୋଗ ସହ ଆଇନ ମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ଏଥର ରିପିଟ୍ ହେବନି ଦଳାଚକଟା

ଭୁବନେଶ୍ୱର : ରଥଯାତ୍ରା ପ୍ରସ୍ତୁତି ବୈଠକ ଶେଷ । ପୂର୍ବ ବର୍ଷର ଦଳଚକଟା ଘଟଣା ରିପିଟ୍ ନହେବାକୁ ମିଟିଂରେ ଗୁରୁତ୍ୱ । କେମିତି ହେବ ଭିଡ଼ ନିୟନ୍ତ୍ରଣ । ଗୁଣ୍ଡିଚାରେ ରଥ ଲାଗିବା ପରେ କେଉଁଠି ରହିବ ଚାରମାଳ । ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଭକ୍ତମାନେ କେଉଁ ପଟେ ପ୍ରବେଶ ଏବଂ କେଉଁ ରାସ୍ତାରେ ପ୍ରସ୍ଥାନ କରିବେ । ଏହାଛଡ଼ା ଦାରୁଦିଅଁଙ୍କ ଦର୍ଶନ କେତେ ସମୟ ଚାଲିବ ଏବଂ କେତେ ବେଳେ ଗୁଣ୍ଡିଚା ମନ୍ଦିର ପହଡ଼ ପଡିବ । ସେନେଇ ଆଜି ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରଥଯାତ୍ରା ପ୍ରସ୍ତୁତି ବୈଠକରେ ହୋଇଛି ଆଲୋଚନା । ଏ ସମସ୍ତ ଘଟଣା ଉପରେ ଗୁରୁତ୍ୱ ଦେବାକୁ ଦଇତାପତି ନିଯୋଗ ପରାମର୍ଶ ଦେଇଛି । ଏହାସହ ବୈଠକରେ ରଥଯାତ୍ରାର ପୁରା ପ୍ରସ୍ତୁତି ନେଇ ହୋଇଛି ଆଲୋଚନା । କେମିତି ସେବାୟତଙ୍କ ମଧ୍ୟରେ ସମନ୍ୱୟ ରହିବ ସେନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି । ନୀତି ନିର୍ଘଣ୍ଟ ଅନୁଯାୟୀ, ଯେମିତି ସମସ୍ତ ରୀତିନୀତି ସମ୍ପନ୍ନ ହେବ, ସେବାବଦରେ ଦଇତାପତି ନିଯୋଗଙ୍କ ସହ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଗସ୍ତ ପୂର୍ବରୁ ଶୁକ୍ରବାର ଅର୍ଥାତ୍ ଆଜି ରାଜ୍ୟ ଅତିଥି ଭବନରେ ବିଭିନ୍ନ ସେବାୟତ ନିଯୋଗକୁ ଡାକି ଆଲୋଚନା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏବଂ ପୁରୀ ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଥିଲେ ।

ତ୍ରୈଲୋକ୍ୟ ଭାରତୀୟ ଜନତା ମଜଦୁର ଟ୍ରେଡ ୟୁନିୟନ କାଉନସିଲର ଓଡ଼ିଶା ସଭାପତି

ଭୁବନେଶ୍ୱର : ତ୍ରୈଲୋକ୍ୟ ନାଥ ରାଉତ ଭାରତୀୟ ଜନତା ମଜଦୁର ଟ୍ରେଡ ୟୁନିୟନ କାଉନସିଲ (ବିଜେଏମଟିୟୁସି) ଓଡିଶା ରାଜ୍ୟ ସଭାପତି ନିଯୁକ୍ତ ହୋଇଛନ୍ତି । ଏ ବିଷୟରେ ବିଜେଏମଟିୟୁସିର ସଭାପତି ବ୍ରଜେଶ ଶର୍ମା ପତ୍ର ଲେଖି ଜଣାଇଛନ୍ତି । ଏଥିସହିତ ତ୍ରୈଲୋକ୍ୟ ଅସ୍ଥାୟୀ ଭାବେ ରାଜସ୍ଥାନ ଦାୟିତ୍ୱ ସମ୍ଭାଳିବେ । ‘ମୋତେ ପ୍ରଦାନ କରାଯାଇଥିବା ଦାୟିତ୍ୱ ସୂଚାରୁ ଭାବେ ସମ୍ପାଦନ କରିବି । ଶ୍ରମିକ ଭାଇ ମାନଙ୍କ ହକ ଓ ବିଭିନ୍ନ ଦାବି ପୂରଣ ଦିଗରେ ନିଜକୁ ସମର୍ପିତ କରିବି ବୋଲି ତ୍ରୈଲୋକ୍ୟ କହିଛନ୍ତି । ରାଜ୍ୟ ସଭାପତି ନିଯୁକ୍ତ ହେବା ପରେ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

୨୮ ଓ ୨୯ରେ ହୋଇପାରେ ବର୍ଷା

୧୬ ଅଂଶୁଘାତଜନିତ ଅଭିଯୋଗ ମଧ୍ୟରୁ ୩ ଟି କୁ ସ୍ୱୀକୃତି

ଭୁବନେଶ୍ୱର : ଭିଜିବ ଓଡ଼ିଶା, ଗରମ ମିଳିବ ମୁକ୍ତି । ଦିନ ବେଳା ତତଲା ତାତ୍ୱାରେ ଭାଜି ହେଉଥିବା ରାଜ୍ୟବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିବାକୁ ଯାଉଛି । ଖରାର ତାଉ କମିବ, ଆକାଶ ମେଘାଚ୍ଛନ୍ନ ହେବ । କାରଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ । ଏହାର ପ୍ରଭାବରେ ଲଘୁଚାପ ସୃଷ୍ଟି ସମ୍ଭାବନା। ଆସନ୍ତା ୨୮ ଓ ୨୯ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ପରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସମ୍ଭାବନା ରହିଛି । ଲଘୁଚାପ ପ୍ରଭାବରେ କାଳବୈଶାଖୀ ପ୍ରଭାବ ଜୋର ରହିବ। ଏନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ସେହିଭଳି ଗତକାଲି ଭଳି ଶୁକ୍ରବାର ଦିନରେ ବି ଝାରସୁଗୁଡାରେ ସବୁଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଥିଲା। ଦିନ ୨ଟା ୩୦ ସୁଦ୍ଧା ଝାରସୁଗୁଡାରେ ତାପମାତ୍ରା ୪୪.୪ ଡିଗ୍ରୀ ଥିଲା। ବିଶେଷଜ୍ଞଙ୍କ ମତରେ, କେନ୍ଦ୍ରୀୟ ଭାରତ ତଥା ଉତ୍ତର ପଶ୍ଚିମ ଦିଗରୁ କ୍ରମାଗତ ଭାବେ ଶୁଷ୍କ ଓ ଗରମ ପବନ ରାଜ୍ୟକୁ ପ୍ରବେଶ କରୁଛି। ଯାହା ତାପମାତ୍ରା ବୃଦ୍ଧି କରିବାରେ ସହାୟକ ହେଉଛି। ଏହା ପ୍ରଭାବରେ ପଶ୍ଚିମ ଓଡ଼ିଶାରେ ରେକର୍ଡ ଭାଙ୍ଗୁଛି ଉଚ୍ଚ ତାପମାତ୍ରା। ସେହିଭଳି ବଙ୍ଗୋପସାଗରରୁ ପୂର୍ବାଳି ବାୟୁ ରାଜ୍ୟକୁ ପ୍ରବେଶ କରୁଥିବାରୁ ଉପକୂଳରେ ଜଳୀୟବାଷ୍ପର ମାତ୍ରା ବୃଦ୍ଧି ପାଉଛି। ଏଣେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ରାଜ୍ୟରେ ଅଂଶୁଘାତରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି । ବଲାଙ୍ଗୀର, ସୁନ୍ଦରଗଡ, ସୁବର୍ଣ୍ଣପୁରରେ ଜଣେ ଲେଖାଏଁ ମୃତ୍ୟୁ ହୋଇଛି। କେବଳ ମେ ମାସରେ ମୋଟ ୧୬ଟି ଅଂଶୁଘାତଜନିତ ଅଭିଯୋଗ ମଧ୍ୟରୁ ୩ଟି ଏହି କାରଣରୁ ମୃତ୍ୟୁ ବୋଲି ସ୍ପଷ୍ଟ କରିଛନ୍ତି ଡେପୁଟି ଏସଆରସି।

ଚଳଚଞ୍ଚଳ ରଥଖଳା

ତିନିରଥର ପାଞ୍ଚ ଦଣ୍ଡା ଚଉପଟ ନିର୍ମାଣ କାର୍ଯ୍ୟ

ପୁରୀ : ଚଳଚଞ୍ଚଳ ରଥଖଳା । ଆଗେଇ ଚାଲିଛି ତିନିରଥ ନିର୍ମାଣ । ମହାପ୍ରଭୁଙ୍କ ରଥ ନିର୍ମାଣରେ ନିମଗ୍ନ ଅଛନ୍ତି ରଥ ନିର୍ମାଣ ସେବକ । ଶୁକ୍ରବାର ରଥ ନିର୍ମାଣର ୩୨ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ତିନିରଥର ପାଞ୍ଚ ଦଣ୍ଡା ଚଉପଟ ପାଇଁ ବାହାର ରଥ ଖଳାରେ କାଠ ସାଇତା ଶେଷ ହୋଇଛି। ତିନିରଥର ପ୍ରଥମ ପର୍ଯ୍ୟାୟ (ଚକ ନିର୍ମାଣ) ନିର୍ମାଣ କାର୍ଯ୍ୟ ପରେ ଆରମ୍ଭ ହୋଇଛି ଦ୍ୱିତୀୟ ପର୍ଯ୍ୟାୟ ରେ ଅଖ ନିର୍ମାଣ କାର୍ଯ୍ୟ, ତିନିରଥର ଅଖ ନିର୍ମାଣ ପରେ ଆରମ୍ଭ ହେବ ତିନିରଥର ପଞ୍ଚ ଦଣ୍ଡା ନିର୍ମାଣ କାର୍ଯ୍ୟ , ଦଣ୍ଡା ନିର୍ମାଣ ଶେଷ ପରେ, ତୃତୀୟ ପର୍ଯ୍ୟାୟ ର ଚକ ଅଖ ଥାକ ଏବଂ ଦିଗ ନିର୍ଣ୍ଣୟ ହୋଇ ଚକ ଅଖକୁ ଉଠିବ ପାଞ୍ଚ ଦଣ୍ଡା।ଏହି ପର୍ଯ୍ୟାୟ କ୍ରମ କାର୍ଯ୍ୟ ପାଇଁ ତିନିରଥର ମହାରଣା , ଭୋଇ ସେବକ ମାନଙ୍କ ମିଳିତ ସହଯୋଗରେ ତିନିରଥର ପାଞ୍ଚ ଦଣ୍ଡା ନିର୍ମାଣ ପାଇଁ ବାହାର ରଥ ଖଳାରେ ସାଇତା ଯାଇଛି ୪୦ ଫୁଟିଆ ଦଣ୍ଡା କାଠ ଏହି ଦଣ୍ଡା ସାଇତା କାର୍ଯ୍ୟ ତିନି ରଥର ମୁଖ୍ୟ ମହାରଣାଙ୍କ ତଦାରଖ କ୍ରମେ ସମ୍ପନ୍ନ ହୋଇଛି। ଦର୍ପଦଳନ ରଥର ପାଞ୍ଚ ଦଣ୍ଡା ସହ ଦୁଇ ପାର୍ଶ୍ୱର ଗୋଟିଏ ଗୋଟିଏ ଦଣ୍ଡାକୁ ମିଶାଇ ମୋଟ ୭ ଗୋଟି ଦଣ୍ଡା ଲାଗୁଥିବା ଜି ଉୟଗିରିରେ ବେଳେ, ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ପାଞ୍ଚ ଦଣ୍ଡା ସହ ଦୁଇଟି ଲେଖାଏଁ ପାର୍ଶ୍ୱ ଦଣ୍ଡା କୁ ମିଶାଇ ମୋଟ ୯ ଗୋଟି ଲେଖାଏଁ ଦଣ୍ଡା ସଂଯୋଗ ହୋଇ ଫ୍ରେମ୍ ପ୍ରସ୍ତୁତ ହେବ। ତିନିରଥର ୧୨ ଲେଖାଏଁ ଭୂଇଁ ଚଉତା ର ବିନ୍ଧ କାର୍ଯ୍ୟ ଜାରୀ ରହିଛି । ତିନିରଥର ୧୨ ଲେଖାଏଁ ଭୂଇଁ ଚଉତା ର ବିନ୍ଧ କାର୍ଯ୍ୟ, ଆଜି ସୁଦ୍ଧା ତିନିରଥ ଭୂଇଁ ଚଉତା ଗୁଡ଼ିକର ଗୋଟିଏ ଗୋଟିଏ ପାର୍ଶ୍ୱରେ ବିନ୍ଧ କାର୍ଯ୍ୟ ଶେଷ ହୋଇଛି ଆସନ୍ତା କାଲିଠାରୁ ଅପର ପାର୍ଶ୍ୱ ର ବିନ୍ଧ କାର୍ଯ୍ୟ ଆରମ୍ଭ ହେବ।ପ୍ରତି ଭୂଇଁ ଚଉତା ରେ ଚାରୋଟି ଲେଖାଏଁ ପାଖୁଡ଼ା ବିନ୍ଧ ସହ ଦୁଇଟି ଲେଖାଏଁ ଖମ୍ବୀ ଏହିପରି ୧୨ ଟି ଲେଖାଏଁ ଭୂଇଁ ଚଉତା ରେ ୭୨ ବିନ୍ଧ କାର୍ଯ୍ୟ ହେଉଅଛି। ତିନିରଥର ଦୁଇଟି ଲେଖାଏଁ ଗରଗାରା ର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମହାରଣା ସେବକ ମାନେ ଜାରୀ ରଖିଛନ୍ତି ତିନିରଥର ନାହାକା ,ପଡ଼ି ନାହାକା, ବଡ଼ ଉଛୁଳା ଏବଂ ସାନ ଉଛୁଳା ଅଖର ନିର୍ମାଣ କାର୍ଯ୍ୟ । ରୂପକାର ସେବକ ମାନେ ଜାରୀ ରଖିଛନ୍ତି ତିନିରଥର ସାଲ ଗୁଜ ଏବଂ ତୀଖ ଗୁଜ ରେ ସିଂହ ବିରଳ ରୂପ ଖୋଦେଇ ସହ ରୂପ ପଲିସ୍ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ। ତିନିରଥର କରତି ସେବକ ମାନେ ତାଳଧ୍ୱଜ ରଥର ୪୦ ଫୁଟିଆ ପୋଲ ଗୟଳ କାଠର ଉଭୟ ପାର୍ଶ୍ୱରେ ଚିତା କାର୍ଯ୍ୟ ବା ସମତଳ କାର୍ଯ୍ୟ ଆଜି ଶେଷ କରିଛନ୍ତି । ପାଲା ଗୟଳ ର ଚିରଟ ପାଇଁ ଭାରା ବନ୍ଧା କାର୍ଯ୍ୟ ଶେଷ କରିଛନ୍ତି। ଆସନ୍ତା କାଲି ତାଳଧ୍ୱଜ ରଥ ପୋଲ ଗୟଳ ର ଚିରଟ କାର୍ଯ୍ୟ ଆରମ୍ଭ ହେବ । ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଦଣ୍ଡା କଣ୍ଟା ନିର୍ମାଣ ସହ ପିତଳ ନଦା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ପାହି ମହାରଣା ମାନେ ଦୋଳ ବେଦୀ ଠାରେ ଅଣସର ତଥା ରଥଯାତ୍ରା ରେ ସେବା ନୀତି ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ କରୁଛନ୍ତି,ଏଥିରେ ଶ୍ରୀମନ୍ଦିର ମହାରଣା କର୍ମଚାରୀ ଶ୍ରୀବସନ୍ତ ମହାରଣା ଙ୍କ ତତ୍ତ୍ୱାବଧାନରେ ଉକ୍ତ ସରଞ୍ଜାମ ପ୍ରସ୍ତୁତ ଚାଲିଛି।

ବଦଳିଲା ଓଟିଇଟି ପରୀକ୍ଷା ତାରିଖ

କଟକ : ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦେବାକୁ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଏହି ପରୀକ୍ଷା ଜୁନ୍ ୨୧ ତାରିଖରେ ହେବାର ଥିଲା, ମାତ୍ର ଏବେ ଏହାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ଜୁନ୍ ୨୮ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦର ସୂଚନା ଅନୁଯାୟୀ, ଜୁନ୍ ୨୮ ତାରିଖରେ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପ୍ରଥମ ପେପର ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ।ଦ୍ୱିତୀୟ ପେପର ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ସଞ୍ଜ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ।ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଆଶାୟୀ ପ୍ରାର୍ଥୀମାନେ ଆସନ୍ତା ଜୁନ୍ ୧୭ ତାରିଖରୁ ନିଜର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ବୋର୍ଡର ଅଫିସିଆଲ୍ ୱେବସାଇଟ୍ ରେ ଏହି ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ୱେବସାଇଟ୍‌କୁ ଯାଇ ନିଜର ଲଗ୍‌ଇନ୍ ଆଇଡି ବ୍ୟବହାର କରି ଏହାକୁ ସହଜରେ ପାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ସମ୍ପାଦକୀୟ

ଆକ୍ରମଣ-ପ୍ରତି ଆକ୍ରମଣ

ଜାରି ରହିଛି ଯୁଦ୍ଧ। ଏ ଯୁଦ୍ଧର ଆଗାମୀ ପରିଣାମ କ’ଣ ହେବ ? ସେ ବିଷୟରେ କହିବା ଆମ ତମ ଭଳି ସାଧାରଣ ଜନତାଙ୍କ ପକ୍ଷେ ନିହାତି କଷ୍ଟକର। ଯୋଉଠି ବିଶ୍ୱର ଯୁଦ୍ଧ ବିଶାରଦମାନେ ମଧ ବେଳେ ବେଳେ ଫେଲ୍ ମାରି ଯାଉଛନ୍ତି। ସେମାନେ ବି ସଠିକ୍ ଭାବେ ଆକଳନ କରିପାରୁନାହାଁନ୍ତି ଯୁଦ୍ଧର ଆଗାମୀ ପରିଣତି ବିଷୟରେ। ସେମାନେ ବି ସଠିକ୍ ଭାବେ ଜାଣିପାରୁ ନାହାଁନ୍ତି ଯେ ଯୁଦ୍ଧ ଆଗକୁ କେଉଁ ମୋଡ଼ ନେବ ? ଆଗକୁ ଯୁଦ୍ଧର ପରିସ୍ଥିତି କେଉଁ ଦିଗକୁ ଗତି କରିବ, ସେ ନେଇ ବିଶ୍ୱର ବୁଦ୍ଧିଜୀବୀଗଣ, ବିଶ୍ୱର ଯୁଦ୍ଧ ବିଶାରଦମାନେ ମଧ ଗଣିଲେଣି ପ୍ରମାଦ। କାରଣ ସେମାନେ ବି ଯୁଦ୍ଧର ପୂର୍ବାପର ସ୍ଥିତି ବିଷୟରେ କିଛି ବି କହି ପାରୁନାହାଁନ୍ତି। ବାସ୍ତବରେ ଯୁଦ୍ଧର ପରିସ୍ଥିତି ମଧ କିଛି ସେହିଭଳି ସ୍ତରରେ ପହଁଞ୍ଚିଛି। ଯାହା ଆଗକୁ ଯେମିତି ଆମେ ପୂର୍ବରୁ ବି କହି ସାରିଛୁ କି ଅତିରୁ ଅତି ଭୟଙ୍କର ରୂପରେଖ ନେଇପାରେ। ଯାହା ବିଷୟରେ କଳନା କରିବା ଯେବେ ଯୁଦ୍ଧ ବିଶାରଦମାନଙ୍କ ପକ୍ଷେ ବି ବର୍ତ୍ତମାନ ଏକପ୍ରକାର ଜଟିଳ ବ୍ୟାପାର ହୋଇପଡ଼ିଛି, ସେଭଳି ସ୍ଥିତିରେ ଆମ ତମ ଭଳି ସାଧରଣ ଜନତା ଯୁଦ୍ଧ ବିଷୟରେ କ’ଣ ବା କହି ପାରିବେ ? ମିଡିଆରେ ବି ଯୁଦ୍ଧ ବିଷୟରେ ଖବର ପ୍ରଚାର ହେଉଛି , ସୋସିଆଲ୍ ମିଡିଆରେ ବି ଯୁଦ୍ଧ ବିଷୟକ ଅନେକ ଖବର ପ୍ରଚାର ପ୍ରସାର ହେଉଛି, ହେଲେ କେହି ବି ସଠିକ୍ ଭାବେ କହିପାରିବେ କି ଯୁଦ୍ଧ କେବେ ବନ୍ଦ ହେବ ? ଯୁଦ୍ଧ ବିଷୟକ ବିଭିନ୍ନ ପ୍ରଶ୍ନର ଉତ୍ତର ଦିଆଯାଇପାରେ। କେହି ବି ଅତି ସହଜରେ ଯୁଦ୍ଧ ବିଷୟକ ସେଭଳି କୌଣସି ପ୍ରଶ୍ନର ଉତ୍ତର ଦେଇପାରେ ଯାହା ସହିତ ଯୁଦ୍ଧ ବନ୍ଦ୍‌ର ସିଧାସଳଖ କୌଣସି ସମ୍ପର୍କ ନଥାଇପାରେ। ସେଭଳି ବହୁତ କିଛି ପ୍ରଶ୍ନର ଉତ୍ତର ଦେବା ସର୍ବଦା ସମସ୍ତଙ୍କ୍ ପକ୍ଷେ କେବେ ବି ସମ୍ଭବ ନୁହେଁ। ହେଲେ ଯୁଦ୍ଧ ବିଷୟରେ ରାତି ପାହିଲେ କିନ୍ତୁ ହେଉଛି ଆଲେଚନା ପ୍ରତ୍ୟାଲୋଚନା। ରାତି ପାହିଲେ କିନ୍ତୁ ଚାଲିଛି ନାନାଦି କଳ୍ପନା ଜଳ୍ପନା। ତେବେ ଅତି ଚିନ୍ତାର ବିଷୟ ହେଉଛି ଯୁଦ୍ଧ ବନ୍ଦ ନେଇ କେହି କିନ୍ତୁ ସେ ବିଷୟରେ କୌଣସି ସଠିକ୍ ତଥ୍ୟ ଦେଇପାରୁ ନାହାଁନ୍ତି। କେବଳ ଆଲୋଚନା ଆଉ ଶୁଖିଲା ଆଲୋଚନା। ସେଥିରେ କି ଫାଇଦା। ସେମିତି କିଛି ଲାଭ ନାହିଁ। ଇରାନ୍ ଏବଂ ଆମେରିକା ମଧ୍ୟରେ ଏବେ ଯେଭଳି ଭାବେ ଯୁଦ୍ଧ ଚାଲିଛି ଏବଂ ସେଥିରେ ପୁଣି ଇସ୍ରାଏଲର ଯୋଗଦାନ ଯାହା ଯୁଦ୍ଧକୁ ଆଉଏକ ଜଟିଳ ଦୁନିଆ ମଧକୁ ନେଇଯିବ। ଯୁଦ୍ଧକୁ ଆଉ ଏକ ଭୟାନକ ଦୁନିଆ ମଧକୁ ନେଇଯିବ। ଯାହା ଆମକୁ ଏବେଠାରୁ ଦିଶୁଛି ଜଳ ଜଳ ହୋଇ। ସାରା ବିଶ୍ୱ ମଧ ଏଥିନେଇ ଚିନ୍ତିତ। ହେଲେ କେହି କେବେ ମଧ ଯୁଦ୍ଧ ବନ୍ଦ ନେଇ ସେମିତି କୌଣସି ସଠିକ୍ ଉତ୍ତର ଦେଇପାରୁନି। ଖାଲି ଶୁଖିଲା ଆଲୋଚନା ଆଉ ପ୍ରତ୍ୟାଲୋଚନା । ସବୁ କିଛି ବେକାର। ଆମେରିକା ଏବେ ଇରାନ୍ ଉପରେ ଯେଭଳି ଭାବେ ଆକ୍ରମଣ କରିବା ପାଇଁ ଯୋଜନା କରୁଛି, ସତେ ଯେମିତି ତା’ର ଅତି ପୂର୍ବ ପ୍ରସ୍ତୁତି, ତା’ର ଅତି ସଶକ୍ତ ପ୍ରସ୍ତୁତି ଏବଂ ତା’ର ଅତି କଠୋର ପ୍ରସ୍ତୁତ। ହେଲେ ଏବେ ଆମେରିକା ଯେଭଳି ଭାବେ ପ୍ରସ୍ତୁତି ଚଳାଇଛି, ତାହା ଅତି ନିର୍ଦ୍ଦୟ ପ୍ରସ୍ତୁତି। ଆମେରିକା ତା’ର ସ୍ଥଳସେନାକୁ ମଧ ଏବେ ପ୍ରସ୍ତୁତ କରୁଛି ଇରାନ୍ ବିପକ୍ଷରେ । ଏଭଳି କ୍ଷେତ୍ରରେ କ’ଣ କରିପାରେ ଇରାନ୍ ? ତାହା ତ ସମୟ କହିବ । ତେବେ ଇରାନ୍‌ର ବଛା ବଛା ଏବେ ନିଜକୁ ପ୍ରସ୍ତୁତ କଲେଣି ଇରାନ୍‌ର ଯୁଦ୍ଧ ମଇଦାନକୁ ଓହ୍ଲାଇବା ପାଇଁ। ହେଲେ କ’ଣ ବା ସେମାନେ କରିବେ ? ଆମେରିକା ସେନା ଆଗରେ ସେମାନେ ବା କ’ଣ କରିବେ। ଏବେ ଆମେରିକାର ସ୍ଥଳସେନା ଏବେ ଇରାନ୍ ମୁହାଁ। ହୁଏତ ଆଉ କିଛି ସମୟ ପରେ ସ୍ଥିତି ଅତି ବିଗିଡ଼ିପାରେ। ତେବେ ଏବେ କିନ୍ତୁ ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯେଭଳି ଭାବେ ଯୁଦ୍ଧ ଯେଭଳି ଚାଲିଛି , ତାହାକୁ କେବଳ ଆକ୍ରମଣ ଏବଂ ପ୍ରତି ଆକ୍ରମଣର ଯୁଦ୍ଧ କୁହାଯାଇପାରେ । କେତେବେଳେ ଇରାନ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରୁଛି ତ ଆଉ କେତେବେଳେ ଇସ୍ରାଏଲ୍ ଇରାନ୍ ଉପରେ। ଏହା ତ ଅତି ସାଧାରଣ କଥା। ଉଭୟ ଦେଶ ମଧ୍ୟରେ ବହୁ ଆରମ୍ଭରୁ ଏମିତି ସେମିତି ଆକ୍ରମଣ ପ୍ରତି ଆକ୍ରମଣ ତ ଜାରି ରହିଛି। ହେଲେ ଏବେ କିନ୍ତୁ ସେହି ଆକ୍ରମଣ ଅତି ଜୋରଦାର ହୋଇଛି । ଏବେ କିନ୍ତୁ ସେହି ଆକ୍ରମଣ ଅତି ମାରାତ୍ମକ ହୋଇଛି। ଯାହାକି ପ୍ରତି ଆକ୍ରମଣକୁ ଆହୁରି ଭୟଙ୍କର କରୁଛି। ଯାହାର ନଗ୍ନ ନମୁନା ହେଉଛି ଇରାନ୍ ଏବଂ ଇସ୍ରାଏଲ ମଧ୍ୟରେ ଏବର ଯୁଦ୍ଧ ଏବଂ ପ୍ରତିଯୁଦ୍ଧ ପରିସ୍ଥିତି, ଆକ୍ରମଣ ଏବଂ ପ୍ରତି ଆକ୍ରମଣ ସ୍ଥିତି ଯାହା ମଧ୍ୟପ୍ରାଚ୍ୟର ପରିସ୍ଥିତିକୁ ଆଗାମୀ ସମୟରେ ଆହୁରି ଭୟଙ୍କର କରିପାରେ। ଗୋଟାଏ ପଟେ ଆମେରିକାର ଶାନ୍ତି ପ୍ରସ୍ତାବ ଏବଂ ଅନ୍ୟପଟେ ଇରାନର ସାମରିକ ଭିତ୍ତିଭୂମିକୁ କବ୍ଜା କରିବାର ଆମେରିକାର ମନ୍ଦ ଉଦ୍ଦେଶ୍ୟ ଏବଂ ସେହି ଅନୁସାରେ ଇସ୍ରାଏଲକୁ ଇରାନ୍ ବିପକ୍ଷରେ ଉସୁକାଇ ମଧ୍ୟପ୍ରାଚ୍ୟରେ ଏକ ଯୁଦ୍ଧ ସ୍ଥିତି ସୃଷ୍ଟି କରିବାର ଷଡ଼ଯନ୍ତ୍ର ଆଗାମୀ ଦିନରେ ଇରାନକୁ ବହୁତ ପଛକୁ ଟାଣିନେଇପାରେ । ଯାହାର ପରିଣାମ ସ୍ୱରୂପ ଇରାନ୍ ମଧ ନିଜକୁ ପ୍ରସ୍ତୁତ କରିବ ଆମେରିକା ଉପରେ ପ୍ରତିଶୋଧ ନେବା ପାଇଁ। ରକ୍ତମୁଖା ଇରାନ୍ ମଧ ନିଜକୁ ପ୍ରସ୍ତୁତ କରିବ ଇସ୍ରାଏଲ୍ ଉପରେ ପ୍ରତିଶୋଧ ନେବା ପାଇଁ।

ପରମଶାସ୍ତ୍ର

ମହାଭାରତ ଯୁଦ୍ଧରେ ସେମିତି ତ ଅନେକ ଥିଲେ ମହାନାୟକ ହେଲେ ପ୍ରକୃତ ପକ୍ଷରେ କୃଷ୍ଣ ହିଁ ଥିଲେ ମୁଖ୍ୟ ନାୟକ। ନାୟକ ତ ନୁହେଁ , ମହାନାୟକ। ଯେବେ ପାଣ୍ଡବ ଏବଂ କୌରବମାନେ ସେହି ସମୟରେ ରାଜୁତି କରୁଥିଲେ ସେତେବେଳେ କୃଷ୍ଣ ଥିଲେ ଯେ କି ମହାଭାରତ ଯୁଦ୍ଧ ପଛର ଅସଲି ମହାନାୟକ।କାରଣ ସେ ସେହିପରି ଥିଲେ ସ୍ୱତନ୍ତ୍ର ଶକ୍ତିର ଅଧିକାରୀ। ଦିନେ ଯମୁନା ନଦୀ ତଟରେ ବୁଲୁ ବୁଲୁ ଅଚାନକ ତାଙ୍କର ନଜର ପଡ଼ିଲା ନଦୀକୂଳରେ ପଡ଼ିଥିବା ଏକ ପଥର ଉପରେ ଯାହା ଖାଲି ନଥିଲା। ପଥରକୂଳେ ବସିଥିବା ଜଣେ ବାଳକ ଉପରେ ଯେ କି ଗୋଟେ ଧନୁତୀରକୁ ସେହି ପଥର ଉପରେ ବସି ମାଜୁଥିଲା। ତୀରର ମୁନକୁ ଅତିରୁ ଅତି ଧାରୁଆ କରିବାରେ ନିମଗ୍ନ ଥିଲା। କୃଷ୍ଣଙ୍କ କୌତୁହଳ ବଢ଼ିଚାଲିଲା। ପାଖକୁ ଯାଇ ସେ ପିଲାର ପରିଚୟ ଜାଣିବା ପରେ କୃଷ୍ଣ ଆହୁରି ଆଗ୍ରହୀ ହୋଇଗଲେ। ସେ ପିଲାଟି ଥିଲେ ମହାଭାରତ ସମୟର ଅନ୍ୟତମ ବୀରଯୋଦ୍ଧା ଭୀମପୁତ୍ର ବେଲାଳସେନ ଯେ କି ଅଠର ଦିନର ମହାଭାରତକୁ ସାରି ଦେଇଥାନ୍ତେ ଗୋଟାଏ ଦିନରେ। ଶ୍ରୀକୃଷ୍ଣ ଏଭଳି କିଛି ଅନୁଭବ କଲେ। ବାଳକର ପରିଚୟ ଜାଣିବା ପରେ କୃଷ୍ଣ ଯେବେ ତାଙ୍କୁ ତୀର ଧାର କରିବାର କାରଣ ପଚାରିଲେ,ସେବେ ଭୀମପୁତ୍ର ବେଲାଳସେନ କୃଷ୍ଣଙ୍କୁ ଯାହା ଉତ୍ତର ଦେଇଥିଲେ, ସେଥିରେ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ । ପ୍ରକୃତରେ ତା’ର ତୀରରେ ଅବା ତାଙ୍କ ମନରେ ସେହିଭଳି କିଛି ଅଦ୍ଭୁତ ଶକ୍ତି ଥିଲା, ଯେ କି ତାଙ୍କର ଏକମାତ୍ର ଧନୁତୀର ବଳରେ ଅଠର ଦିନ ମହାଭାରତ ଯୁଦ୍ଧର ପରିସମାପ୍ତି ଘଟାଇପାରିଥାନ୍ତେ ଯାହା କିନ୍ତୁ ଶ୍ରୀକୃଷ୍ଣଙ୍କ ପାଇଁ ଥିଲା ଅତି ଚିନ୍ତାର ବିଷୟ। କାରଣ ଅଠରଦିନର ଯୁଦ୍ଧ କାଳରେ ସେ ସଖା ଅର୍ଜୁନଙ୍କୁ ମହାଭାରତର ସାରମର୍ମ ଭଗବତ ଗୀତା ଭଳି ପରମଶାସ୍ତ୍ର ମାଧ୍ୟମରେ ଶୁଣାଇବାର ଅଭିଳାଷ ରଖିଛନ୍ତି, ତାହା ଅଧୁରା ରହିଯାଇପାରେ। ସେଣୁ କୃଷ୍ଣ ଭୀମପୁତ୍ରର ପରୀକ୍ଷା ନେବାକୁ ଯାଇ ତା’ର ବୀରତ୍ୱର ଯେଭଳି ପରୀକ୍ଷା ନେଲେ ସ୍ୱୟଂ ବି ବିସ୍ମିତ ହୋଇଗଲେ। ଏଣୁ ଶ୍ରୀକୃଷ୍ଣ ନିଜେ ଯେବେ ସେହି ବାଳକର ବୀରତ୍ୱର ରହସ୍ୟ ବିଷୟରେ ଅନୁଭବ କଲେ ଏବଂ ଜାଣିଲେ ସେ ବି ବିସ୍ମିତ ହେଲେ। କାରଣ ଜାଣି ଯେ କେହି ବି ବିସ୍ମିତ ହେବେ। ତା’ର ତୀରରେ ସେଭଳି ଅଦ୍ଭୁତ ଶକ୍ତି ଥିଲା ଯାହାଦ୍ୱାରା ସେହି ତୀରରେ ସେ ଅଦୃଶ୍ୟ ଶତ୍ରୁକୁ ବି ନିମିଷକ ମଧ୍ୟରେ ମାରିପାରିବାର କ୍ଷମତା ରଖୁଥିଲା।

ଯୁବପିଢ଼ି ଏବଂ ଡିଜିଟାଲ ଦୁନିଆର ସଂଘର୍ଷ

ଏ. ବି. ନଦଵି

ଯୁବପିଢ଼ି ହେଉଛନ୍ତି କୌଣସି ଦେଶ ବା ରାଷ୍ଟ୍ରର ପ୍ରକୃତ ପୁଞ୍ଜି । ରାଷ୍ଟ୍ରର ପ୍ରଗତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଯୁବପିଢ଼ିଙ୍କ ଚିନ୍ତାଧାରା ଏବଂ ସେମାନଙ୍କ ବିକାଶ ଉପରେ ନିର୍ଭର କରେ । ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ବିଭିନ୍ନ ସୂଚନା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିଲେ ମଧ ଏହା ନୈତିକ ମୂଲ୍ୟବୋଧ ଏବଂ ବ୍ୟକ୍ତିତ୍ୱ ନିର୍ମାଣ ଦିଗରେ ଏକ ଖରାପ ପ୍ରଭାବ ପକାଇଛି । ବର୍ତ୍ତମାନର ଯୁବପିଢ଼ି ଡିଜିଟାଲ ଦୁନିଆରେ ଏଭଳି ମଗ୍ନ ହୋଇଯାଇଛନ୍ତି ଯେ ନିଜର ବ୍ୟକ୍ତିତ୍ୱରେ ସୁଧାରର ଆବଶ୍ୟକତାକୁ ମଧ ଅନୁଭବ କରିପାରୁନାହାନ୍ତି । ଯାହାଫଳରେ ବହୁ ଯୁବକ ଯୁବତୀ ଏହି ଡିଜିଟାଲ ଏକ୍ସପୋଜରର ନକାରାତ୍ମକ ପ୍ରଭାବ ବିଷୟରେ ଅଜ୍ଞ ରହିବା ସହିତ ଏହାର ପାର୍ଶ୍ୱ ପ୍ରତିକ୍ରିୟାକୁ ଅଣଦେଖା କରୁଛନ୍ତି । ଏହା କେବଳ ସେମାନଙ୍କର ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରୁ ନାହିଁ ବରଂ ସମାଜ ଉପରେ ମଧ ଏହାର ଖରାପ ପ୍ରଭାବ ପଡୁଛିଡିଜିଟାଲ ଯୁଗରେ ସୋସିଆଲ ମିଡ଼ିଆ ଏବଂ ଇଣ୍ଟରନେଟ୍ କେବଳ ଜ୍ଞାନ, ଯୋଗାଯୋଗ ଏବଂ ମନୋରଞ୍ଜନର ଉପକରଣ ହୋଇ ରହିନାହିଁ, ଏଗୁଡ଼ିକୁ ଭୁଲ ସୂଚନା ଏବଂ ଭ୍ରମାତ୍ମକ ଚିନ୍ତାଧାରା ପ୍ରସାର କରିବା ପାଇଁ ବର୍ଦ୍ଧିତ ଭାବରେ ବ୍ୟବହାର କରାଯାଉଛି । ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଦକ୍ଷ କିନ୍ତୁ ଅଭିଜ୍ଞତା ଏବଂ ନୈତିକ ବୁଝାମଣାରେ ବିକାଶଶୀଳ ଯୁବକମାନେ ଅନଲାଇନ୍ ବିଷୟବସ୍ତୁ ଦ୍ୱାରା ସହଜରେ ପ୍ରଭାବିତ ହେଉଛନ୍ତି । ସେମାନଙ୍କର ଶକ୍ତି ଏବଂ ଭାବପ୍ରବଣତା ସେମାନଙ୍କୁ ଆହୁରି ଅଧିକ ସମ୍ବେଦନଶୀଳ କରୁଛି । ଏହି ବୟସରେ ଯୁବପିଢ଼ି ସାମାଜିକ ସମସ୍ୟା, ଧର୍ମ, ନ୍ୟାୟ ଏବଂ ଅନୁଭୂତ ଅନ୍ୟାୟ ପ୍ରତି ଗଭୀର ସମ୍ବେଦନଶୀଳ । ଏହି ଭାବପ୍ରବଣ ତୀବ୍ରତା ସେମାନଙ୍କୁ ମିଥ୍ୟା କିମ୍ବା ଭ୍ରାମକ କାହାଣୀ ବିଶେଷକରି ହିଂସା କିମ୍ବା ବିକୃତ ଚିନ୍ତାଧାରା ପ୍ରୋତ୍ସାହିତ କରୁଥିବା ବିଷୟଗୁଡ଼ିକ ପ୍ରତି ଦୁର୍ବଳତା ବଢ଼ାଇଥାଏ, ତେଣୁ ସୋସିଆଲ ମିଡ଼ିଆ ବ୍ୟବହାର କରିବାରେ ସତର୍କତା ଏକାନ୍ତ ଜରୁରୀ ।ସୋସିଆଲ ମିଡ଼ିଆର ଆଲଗୋରିଦମଗୁଡ଼ିକ ବ୍ୟବହାରକାରୀଙ୍କ ପୂର୍ବରୁ ଦେଖୁଥିବା, ପସନ୍ଦ କରିଥିବା କିମ୍ବା ଅନୁସରଣ କରିଥିବା ବିଷୟବସ୍ତୁ ସହିତ ସମାନ ବିଷୟବସ୍ତୁକୁ ବାରମ୍ବାର ଦେଖାଇବା ପାଇଁ ଡିଜାଇନ୍ କରାଯାଇଛି । ସମୟକ୍ରମେ ଏହା ଭ୍ରାମକ କିମ୍ବା ପକ୍ଷପାତପୂର୍ଣ୍ଣ ସୂଚନାକୁ ବ୍ୟବହାରକାରୀଙ୍କ ପୋଷ୍ଟ ତାଲିକା ଉପରେ ପ୍ରଭାବ ପକାଇଥାଏ, ଯାହାଫଳରେ ଏପରି ଧାରଣା ସୃଷ୍ଟି ହୁଏ ଯେ ସେମାନଙ୍କର ଚିନ୍ତାଧାରା ଏବଂ ଭାବନା ଅନ୍ୟମାନଙ୍କ ଦ୍ୱାରା ବ୍ୟକ୍ତ କରାଯାଇଛି । ଧୂରେ ଧୂରେ ଯୁବକମାନେ ଏପରି ବିଷୟବସ୍ତୁ ସହିତ ଭାବପ୍ରବଣ ଭାବରେ ଜଡ଼ିତ ହୁଅନ୍ତି ।

ବେଳେବେଳେ ସେମାନେ ନିଜ ଜୀବନକୁ ଅର୍ଥହୀନ ଭାବି ହତାଶ ହୋଇଥାନ୍ତି । ଅନେକ ସମୟରେ ସେମାନେ ନିଜକୁ ଭିନ୍ନ କିମ୍ବା ନିଷ୍କେଷିତ ଭାବରେ ଦେଖୁବାକୁ ଆରମ୍ଭ କରନ୍ତି, ଯାହା ସେମାନଙ୍କ ମନରେ ଆକ୍ରମଣାତ୍ମକ କିମ୍ବା କ୍ଷତିକାରକ କାର୍ଯ୍ୟ କରିବାକୁ କୁପ୍ରେରଣା ଦେଇଥାଏ । ବେଳେବେଳେ ଏକ କଳ୍ପିତ ଦୁନିଆରେ ସେମାନେ ମଗ୍ନ ହୋଇ ଅନ୍ୟମାନଙ୍କ ସହିତ ତାଳ ଦେଇ ଚାଲିବାର କାଳ୍ପନିକ ଦୁନିଆରେ ବିଚରଣ କରନ୍ତି । ଶେଷରେ ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି ଯେ ସେମାନେ ଅନଲାଇନରେ ଯାହା ଦେଖନ୍ତି ତାହା ହିଁ ଏକମାତ୍ର ବାସ୍ତବତା । ଏହି ଗଭୀର ଆସକ୍ତି ସେମାନଙ୍କର ମାନସିକ ସମନ୍ୱୟକୁ ତୀବ୍ର କରେ ଯାହାକୁ ଅନୁଭବ ନ ?କରି ସେମାନେ ଏକ ନିର୍ଦ୍ଦିଷ୍ଟ ମନସ୍ତାତ୍ତ୍ୱିକ ଏବଂ ଆଦର୍ଶଗତ ଦିଗରେ ଗତି କରିବା ଆରମ୍ଭ କରନ୍ତି । କିଛି କ୍ଷେତ୍ରରେ ସେମାନେ ନକାରାତ୍ମକ ଏବଂ ଆକ୍ରମଣାତ୍ମକ ଚିନ୍ତାଧାରାର ପ୍ରଭାବରେ ଏଭଳି ଅପରବର୍ତ୍ତନୀୟ ପଦକ୍ଷେପ ନେଇଥାନ୍ତି, ଯାହା ସେମାନଙ୍କ ଜୀବନ ସହିତ ପରିବାର ଓ ସମାଜକୁ କ୍ଷତି ପହଁଚାଇଥାଏ ।ଏହି ଆଲଗୋରିଦମିକ୍ ପ୍ରଭାବକୁ ସାଧାରଣ ଭାବରେ ଫିଲଟର୍ ବବଲ୍ ବୋଲି କୁହାଯାଏ, ଯାହା ବ୍ୟକ୍ତିକୁ ସେମାନଙ୍କ ପୂର୍ବ ବିଶ୍ୱାସ ଉପରେ ସୀମାବଦ୍ଧ କରିବା ସହ ଅନ୍ୟ ଦୃଷ୍ଟିକୋଣ ଗୁଡ଼ିକୁ ଦେଖାଏ ନାହିଁ । ପରିଣାମ ସ୍ୱରୁପ ଯୁବପିଢ଼ି ସେହି ଭ୍ରମାତ୍ମକ ତ ?ଥ୍ୟକୁ ବାସ୍ତବ ବୋଲି ମାନି ନିଅନ୍ତି । ଏହି କ୍ଷେତ୍ରରେ କୁରାନ୍ ସ୍ପଷ୍ଟ ମାର୍ଗଦର୍ଶନ ଦିଏ ଯେ କୌଣସି ବି ଖବରକୁ ବିନା ଯାଞ୍ଚରେ ବିଶ୍ୱାସ କରିବା କିମ୍ବା ପ୍ରମାଣ ନମିଳିବା ପର୍ଯ୍ୟନ୍ତ କାହା ଉପରେ ବିଶ୍ୱାସ କରିବା ଅନୁଚିତ । କିଛି ଅନଲାଇନ୍ ପୃଷ୍ଠା, ଚ୍ୟାନେଲ୍ ଏବଂ ୱେବସାଇଟ୍ ଜାଣିଶୁଣି ଭୁଲ ସୂଚନା ଏବଂ ଗ୍ରାମକ ବାର୍ତ୍ତା ମାଧ୍ୟମରେ ଯୁବକମାନଙ୍କୁ ପ୍ରଭାବିତ କରିବା ପାଇଁ ରଣନୀତି ପ୍ରସ୍ତୁତ କରନ୍ତି । ଏହି ପ୍ଲାଟଫର୍ମଗୁଡ଼ିକ କେବଳ ଉଗ୍ର କିମ୍ବା ସମ୍ବେଦନଶୀଳ ଦୃଷ୍ଟିକୋଣ ଉପସ୍ଥାପନ କରନ୍ତି ନାହିଁ ବରଂ ସମାଜ କିମ୍ବା ଅନ୍ୟ ଧର୍ମର ଲୋକମାନେ ସେମାନଙ୍କୁ ବୁଝନ୍ତି ନାହିଁ ବୋଲି ମଧ୍ୟ ଧାରଣା ସୃଷ୍ଟି କରନ୍ତି । ଉଦାହରଣ ସ୍ୱରୂପ କିଛି ଫେସବୁକ୍ କିମ୍ବା ଇନଷ୍ଟାଗ୍ରାମ୍ ଆକାଉଣ୍ଟ ଯୁବକମାନଙ୍କୁ କୁହନ୍ତି ଯେ ଅନ୍ୟମାନଙ୍କ ଉତ୍ସବରେ ଅଂଶଗ୍ରହଣ କରିବା, ବିଭିନ୍ନ ସଂପ୍ରଦାୟ ସହିତ ଆଲୋଚନା କରିବା, କିମ୍ବା ନିଜର ଆଦର୍ଶଗତ କିମ୍ବା ଧାର୍ମିକ ସମ୍ପର୍କ ବାହାରେ ବନ୍ଧୁତା ଗଠନ କରିବା ଭୁଲ୍ । ଧୀରେ ଧୀରେ ଏପରି ବାର୍ତ୍ତା ଯୁବକମାନଙ୍କୁ ଗଣତାନ୍ତ୍ରିକ ନୀତି ଏବଂ ସାମାଜିକ ସମନ୍ୱୟର ମୌଳିକ ମୂଲ୍ୟବୋଧରୁ ଦୂରେଇ ରଖୁଛି ।ଏହି ଗୋଷ୍ଠିମାନେ ଯୁବପିଢ଼ିଙ୍କୁ ଭ୍ରମିତ କରି, ସେମାନଙ୍କର ଜୀବନ ଅନ୍ୟାୟ ବୋଲି ଅନୁଭବ କରାଇ, ନିଜ ଅଧୁକାର ପାଇଁ ଲଢ଼ିବାକୁ ପ୍ରେରିତ କରନ୍ତି । ସୋସିଆଲ ମିଡ଼ିଆ ଏପରି ଧାରଣାକୁ ବାରମ୍ବାର ପ୍ରସାର କରିଥାଏ ଯାହାଦ୍ୱାରା ଏକାକୀ କିମ୍ବା ଭାବନାତ୍ମକ ଭାବେ ଦୁର୍ବଳ ଥିବା ଯୁବକମାନେ ସହଜରେ ପ୍ରଭାବିତ ହୋଇଥାନ୍ତି । ଭାରତରେ ଏପରି ଘଟଣା ତୁଳନାତ୍ମକ ଭାବେ କମ୍ ଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ଅଧିକ ଦେଖାଯାଏ, ଯେଉଁଠାରେ କେବେ କେବେ ସାର୍ବଜନୀନ ସ୍ଥାନରେ କିଛି ବ୍ୟକ୍ତିବିଶେଷ ଅନ୍ୟମାନଙ୍କ ଉପରେ ହଠାତ୍ ଆକ୍ରମଣ କରିଥାନ୍ତି । ଭାରତର ଦୃଢ଼ ପରିବାର ବ୍ୟବସ୍ଥା ଯୁବପିଢ଼ିଙ୍କୁ ଏପରି ନାକାରାତ୍ମକ ପ୍ରଭାବରୁ କିଛି ମାତ୍ରାରେ ସୁରକ୍ଷା ଦେଇଥାଏ । କିଛି ଗୋଷ୍ଠୀ ବ୍ୟକ୍ତିଗତ ବାର୍ତ୍ତା, ଖେଳ ଏବଂ କୁଇଜ୍ ମାଧ୍ୟମରେ ଯୁବକମାନଙ୍କୁ ଲକ୍ଷ୍ୟ କରି ଧୀରେ ଧୀରେ ସେମାନଙ୍କ ଚିନ୍ତାଧାରାକୁ ପ୍ରଭାବିତ କରନ୍ତି ।

ଏହି ସମସ୍ୟାଗୁଡ଼ିକର ସମାଧାନ କେବଳ ସମାଲୋଚନା କିମ୍ବା ନିଷେଧରେ ସୀମିତ ନୁହେଁ । ଯୁବକମାନଙ୍କୁ ବିଶ୍ୱସନୀୟ ଏବଂ ପ୍ରାମାଣିକ ସୂଚନାର ଉତ୍ସ ପ୍ରତି ମାର୍ଗଦର୍ଶନ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ । ଯୁବପିଢ଼ି ବିଶ୍ୱସ୍ତ ଖବର, ବିଶେଷଜ୍ଞ, ପୁସ୍ତକ ଏବଂ ଶିକ୍ଷକ କିମ୍ବା ପିତାମାତାଙ୍କ ଠାରୁ ଶିଖିବା ଉଚିତ୍ । ଏହା ସେମାନଙ୍କୁ ମିଥ୍ୟା ସୂଚନାଠାରୁ ଦୁରେଇ ରହିବା ସହ ଦୃଢ଼, ନିରପେକ୍ଷ ମୂଲ୍ୟବୋଧ ଗଠନ କରିବାରେ ସାହାଯ୍ୟ କରିଥାଏ । ସେମାନେ ଏହା ମଧ ଜାଣିବା ଉଚିତ୍ ଯେ ସୋସିଆଲ ମିଡ଼ିଆ ପ୍ରାୟତଃ ସେମାନଙ୍କ ବିଶ୍ୱାସ ସହିତ ମେଳଖାଉଥିବା ଜିନିଷ ହିଁ ଦେଖାଇଥାଏ, ଯାହା ସେମାନଙ୍କ ଚିନ୍ତାଧାରାକୁ ସୀମିତ କରିପାରେ । ତେଣୁ ସେମାନେ ସତର୍କ ରହିବା ଉଚିତ୍, ଯାହା ଦେଖୁଛନ୍ତି ତାହା ଉପରେ ପ୍ରଶ୍ନ କରିବା ଉଚିତ୍ ଏବଂ ସତ୍ୟାସତ୍ୟ ଜାଣିବା ପାଇଁ ଉପଯୁକ୍ତ ଯୁକ୍ତି ବାଢ଼ିବା ଉଚିତ୍ । ବନ୍ଧୁ, ପରିବାର ଏବଂ ଶିକ୍ଷକମାନଙ୍କ ସହିତ କଥାବାର୍ତ୍ତା ହେବା ବହୁତ ଗୁରୁତ୍ୱପୂର୍ଣ୍ଣ । ସନ୍ଦେହଜନକ କିମ୍ବା ବିରକ୍ତିକର ବିଷୟବସ୍ତୁ ବ୍ୟକ୍ତ କରିବା ପରିବର୍ତ୍ତେ ଯୁବାକମାନେ ବିଶ୍ୱସ୍ତ ଏବଂ ଅଭିଜ୍ଞ ଲୋକଙ୍କଠାରୁ ପରାମର୍ଶ ନେବା ଉଚିତ । ସେମାନେ ସେମାନଙ୍କର ଭାବନାକୁ ମଧ ଲକ୍ଷ୍ୟ କରିବା ଉଚିତ- ଯଦି କିଛି ସେମାନଙ୍କୁ ଭୟଭୀତ କି ଏକାକୀ ଅନୁଭବ କରାଉଛି, କିମ୍ବା ଶୀଘ୍ର ପ୍ରତିକ୍ରିୟା କରିବାକୁ ବାଧ୍ୟ କରୁଛି, ତେବେ ସେମାନେ ତାହାକୁ ସ୍ଥିର ମନରେ ଚିନ୍ତା କରିବା ଉଚିତ୍ । ଲାଇକ୍, ସେୟାର, କିମ୍ବା ମନ୍ତବ୍ୟ ଦେବା ପୂର୍ବରୁ ଉଭୟ ଭଲ ଏବଂ ଖରାପ ଦିଗକୁ ବିଚାର କରିବା ଉଚିତ । ଏହା ସେମାନଙ୍କୁ ମାନସିକ ଭାବରେ ଦୃଢ଼ ରହିବା ସହ ଅନଲାଇନରେ କ୍ଷତିକାରକ ଭୁଲ ସୂଚନାରୁ ସୁରକ୍ଷିତ ରହିବାରେ ସାହାଯ୍ୟ କରିବ ।

କୁରାନ୍ ମଧ ଆମକୁ ଜ୍ଞାନର ଗୁରୁତ୍ୱ ବିଷୟରେ ମନେ ପକାଇ ଦିଏ ଯେ ‘ଯିଏ ପ୍ରକୃତ ଜ୍ଞାନ ଅର୍ଜନ କରେ ସେ ବିପଥଗାମୀ ଠାରୁ ଦୁରେଇ ରୁହେ’ ।ଏକ ବ୍ୟାପକ ସ୍ତରରେ ସମାଜ ଏବଂ ବିଦ୍ୟାଳୟଗୁଡ଼ିକ ଯୁବକମାନଙ୍କୁ ଡିଜିଟାଲ ସଚେତନ ?ତା ଶିଖାଇବା ଦରକାର ଯାହା ଦ୍ୱାରା ସେମାନେ ଅନଲାଇନ୍‌ରେ ମିଳୁଥିବା ଭୁଲ ସୂଚନା ବିଷୟରେ ଅବଗତ ହୋଇପାରିବେ ଏବଂ ସେଥିରୁ ନିଜକୁ ସୁରକ୍ଷିତ ରଖିପାରିବେ। ଯେତେବେଳେ ଯୁବପଢ଼ି ବୁଝିପାରିବେ ଯେ ସେମାନଙ୍କର ଚିନ୍ତାଧାରା କିପରି ପ୍ରଭାବିତ ହେଉଛି ଏବଂ ସାମାଜିକ ଗଣମାଧ୍ୟମ କିପରି ସେମାନଙ୍କ ଆଚରଣ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି, ସେତେବେଳେ ସେମାନେ ଅଧିକ ବୁଦ୍ଧିମାନ ଏବଂ ସୁରକ୍ଷିତ ବିକଳ୍ପ ବାହାର କରିପାରିବେ । ଭୁଲ ସୂଚନା ବିରୋଧରେ ଲଢ଼ିବା କେବଳ ପ୍ରଯୁକ୍ତିବିଦ୍ୟା କିମ୍ବା ଆଇନ ବିଷୟରେ ନୁହେଁ – ଏଥିପାଇଁ ନୈତିକ ମୂଲ୍ୟବୋଧ, ଧାର୍ମିକ ବୁଝାମଣା, ବିଶ୍ୱସ୍ତ ଗଣମାଧମ ପ୍ରତି ସଚେତନତା ଏବଂ ସମାଜରେ ଦଳଗତ କାର୍ଯ୍ୟ ମଧ୍ୟ ଆବଶ୍ୟକ । ଯୁବପିଢ଼ି ହୃଦୟଙ୍ଗମ କରିବା ଉଚିତ ଯେ ଡିଜିଟାଲ ପ୍ଲାଟଫର୍ମ ସତ୍ୟ ଏବଂ ମିଥ୍ୟା ଉଭୟ ବିଷୟବସ୍ତୁ ପ୍ରସାରିତ କରିପାରିବ । ସେମାନଙ୍କୁ ଅସାବଧାନତା ସହିତ ବ୍ୟବହାର କରିବା ଭୁଲ ସୂଚନାକୁ ପ୍ରୋତ୍ସାହିତ କରିପାରେ ଏବଂ ଧର୍ମ, ଗଣତନ୍ତ୍ର, ସମାଜିକ ସଭାବ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଭଳି ମୂଲ୍ୟବୋଧକୁ କ୍ଷତି ପହଞ୍ଚାଇପାରେ ।

ଇସଲାମିକ୍ ସ୍କଲାର
ଭୁବନେଶ୍ୱର

ଉତ୍କଳର ବୈଶିଷ୍ଟ୍ୟ ଓ ଉତ୍କଳୀୟ ଚେତନା

ଉମାଶଙ୍କର ପ୍ରସାଦ

“ବର୍ଷାଣାଂ ଭାରତ ଶ୍ରେଷ୍ଠୋ, ଦେଶାନାଂ ଉତ୍କଳ ଶ୍ରୁତଃ / ଉତ୍କଳସ୍ୟ ସମ ଦେଶଃ, ଦେଶନାସ୍ତି ମହିତଳେ”। ସମଗ୍ର ଭାରତ ବର୍ଷରେ ଉତ୍କଳର ବୈଶିଷ୍ଟ୍ୟତା ଉପରୋକ୍ତ ଆଖ୍ୟାନରୁ ଯେ ପ୍ରତିପାଦିତ ହେଉଛି ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ‘ଏହି ଉତ୍କଳ ଦିନେ ଉଠିଥିଲା ଭାରତେ, ସରଗର ସୁଖ ଶିରୀ ଲଭିଥିଲା ମରତେ’। କିନ୍ତୁ ଏହି ମହିମା ମଣ୍ଡିତା ଉତ୍କଳ କୁ ନେଇ ପବିତ୍ର ବିଧାନ ସଭା ଗୃହରେ ଜଣେ ନେତୃ ବର୍ଗ କିଛି ଟିପଣୀ ଦେବାକୁ ନେଇ ଅଦ୍ୟାବଧି ଉଠିଥିବା ଝଡ ପ୍ରଶମିତ ହୋଇ ନାହିଁ ଯାହା ଆଗାମୀ ପିଢ଼ୀଙ୍କ ପାଇଁ ଶୁଭଙ୍କରୀ ନୁହେଁ। ଆଜିକାଲିର ନିର୍ବାଚନ ରେ ଯେଉଁ ବ୍ୟକ୍ତି ବିଶେଷ ମାନେ ବିଜୟ ହେଉଛନ୍ତି ନା ସେମାନଙ୍କର ଅଛି ଇତିହାସ, ସଂସ୍କୃତି, ଜାତିୟତା ଜ୍ଞାନ। କେବଳ କଳା ଧନ ବଳରେ ସେମାନେ ନିର୍ବାଚନ ଜିତୁଛନ୍ତି। ଜଣେ ନିର୍ବାଚିତ ପ୍ରତିନିଧି ନିଜର ଇତିହାସ ନ ପଢ଼ିଲେ, ସଂସ୍କୃତି ନଜାଣିଲେ, ଭୂଗୋଳ ସମ୍ପର୍କରେ ସଚେତନ ନହେଲେ ଏବଂ ବର୍ତ୍ତମାନକୁ ଅନୁଶିଳନ ନକଲେ ନିଜର ପରିଚିତି ଅନ୍ୟମାନଙ୍କ ଭିତରେ ହଜି ଯାଇଥାଏ। ନେତା ମାନେ ଜାଣି ରଖନ୍ତୁ ‘ଉତ୍କଳ’ ଏକ ସାଂସ୍କୃତିକ ମୂଲ୍ୟବାହୀ ଶବ୍ଦ ବିଶେଷ ହୋଇଥିବାରୁ ସମ୍ଭବତଃ ଅଖଣ୍ଡ ଉତ୍କଳ ଏବଂ ତାହାର ସଂସ୍କୃତି ପୁନଃ ପ୍ରତିଷ୍ଠା ନିମନ୍ତେ ଜାତୀୟବାଦୀ ନେତା ଲେଖକ ଓ କବିବୃନ୍ଦ ଶବ୍ଦର ଜାଦୁକରୀ ସ୍ପର୍ଶ ତୋଳିଥିଲେ। ଯେତେବେଳେ ଇଂରେଜ ଶାସନ କାଳରେ ଏହି ଓଡ଼ିଶାର ଭାଷା ଓ ଜାତୀୟତା ର ବିଲୁପ୍ତି ପର୍ବ ଆରମ୍ଭ ହୋଇଥିଲା ସେତେବେଳେ ୧୯୩୦ ମସିହାରେ ଜଗବନ୍ଧୁ ସିଂହଙ୍କର ପ୍ରାଚୀନ ଉତ୍କଳ, ରଙ୍ଗାଜୀବ ଗଙ୍ଗାଧର ମେହେରଙ୍କ ‘ଉତ୍କଳ ଲକ୍ଷ୍ମୀ’, ଫକୀର ମୋହନ ସେନାପତିଙ୍କ ‘ଉତ୍କଳ ଭ୍ରମଣ’, ପଣ୍ଡିତ କୃପାସିନ୍ଧୁଙ୍କର ‘ଉତ୍କଳ ଇତିହାସ’(୧୯୨୬), ପଣ୍ଡିତ ସୁଦର୍ଶନ ଦାଶଙ୍କର ‘ଉତ୍କଳ କଳା କୌଶଳମ’ ଗ୍ରନ୍ଥମାନ ଏହି ଶୂନ୍ୟକାଳର ଥିଲା ବିଶେଷ ସ୍ମାରକୀ। କବିବର ରାଧାନାଥଙ୍କର କାବ୍ୟ ପରିଧିରେ ‘ଉତ୍କଳୀୟ’ଭାବାଦର୍ଶ ଥିଲା ଦୁରନ୍ତ ଆହ୍ୱାନର ଏକ ପ୍ରତିଶୃତି ଅଧୁନା ‘ଓଡିଶା’ ନାମରେ ନାମିତ ଭୂଖଣ୍ଡ ଯାହାକି ସରକାରୀ କାଗଜ ପତ୍ର ତଥା ମାନଚିତ୍ର ରେ ଅନିଲିପ୍ତ, ତାହା ସ୍ପଷ୍ଟ ହୋଇଥିଲା ୧୯୩୬ ମସିହାଠାରୁ। ସେତେବେଳେ ପ୍ରଚଣ୍ଡ ପ୍ରତିଭାଧାରୀ ମଧୁସୁଦନ ଦାସଙ୍କ ଦ୍ୱାରା ଗଢ଼ି ଉଠିଥିବା ‘ଉତ୍କଳ ସମ୍ମିଳନୀ’ ଦାବି କରିଥିଲା ‘ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ’। ମାତ୍ର ଆମକୁ ମିଳିଥିଲା ବିଖଣ୍ଡିତ ‘ଓରିଶା’। ସେତେବେଳର ଇଂରେଜ ସରକାର ‘ଉତ୍କଳୀୟ ସଂସ୍କୃତି ସମେତ ଭାରତୀୟ ସଂସ୍କୃତିକୁ’ ବିଲୁପ୍ତ କରିବା ଚେଷ୍ଟାରେ ଭାରତକୁ ‘ଇଣ୍ଡିଆ’ ନାମଦେବା ଓ ‘ଉତ୍କଳ’କୁ ଓଡିଶା କରିବା ସେହି ଚକ୍ରାନ୍ତର ଫଳଶୃତି। ଯାହାର ପୁନରାବୃତି କରିବା ପାଇଁ ଅନବିଜ୍ଞ ନେତା ଅପଚେଷ୍ଟା ଚଳାଇଛନ୍ତି ଯାହାକୁ ଓଡିଶା ବାସୀ କେତେଦୂର ଗ୍ରହଣ କରିବେ ତାହା ସମୟ କହିବ! ଯେତେଦୁର ମୋର ମନେହୁଏ – ୧୦୭୮ ମସିହାରୁ ୧୪୩୫ ମସିହା ମଧ୍ୟରେ ‘ଉତ୍କଳ, କଳିଙ୍ଗ, କୋଶଳ, କଙ୍ଗୋଦ, ଓ ତୋଷଳ ରାଜ୍ୟ ସମୂହ ଏକତ୍ର ହୋଇ ଯେଉଁ ଭୂଖଣ୍ଡକୁ ଚିହ୍ନିତ କରାଯାଇଥିଲ, ତାହା ଥିଲା ଗଙ୍ଗବଂଶୀ ଶାସନର ସୁବର୍ଣ୍ଣ ଯୁଗ। କିନ୍ତୁ ଦୁଃଖ ଓ ପରିତାପର ବିଷୟ କାଳକ୍ରମେ ତାହା ଅବକ୍ଷୟ ହୋଇ ଆଜିର ‘ଓଡିଶା’। ଆଉ ଆମଭଳି କୁଳାଙ୍ଗାର ମାନଙ୍କର ପ୍ରାୟ ମାତୃଭୂମି। ‘ଉତ୍କଳ’ ଶବ୍ଦରେ ଯେପରି ଭରିରହିଛି ଅପୂର୍ବ ମାଦକତା; ଜାତୀୟ ଜୀବନର ମୃଦୁକାକଳୀ ସେଥିପାଇଁ ବୋଧହୁଏ କବିବର ରାଧାନାଥ ତାଙ୍କ ରଚିତ ‘ଚିଲିକା’ କାବ୍ୟରେ ଉତ୍କଳ ଜନନୀର ପ୍ରଶସ୍ତ ଗାନ କରି କହିଥିଲେ ‘ଉତ୍କଳ-କମଳା-ବିଳାସ-ଦିର୍ଘିକା, ମରାଳ ମାଳିନୀ ନୀଳାମ୍ବୁ ଚିଲିକା । ଉତ୍କଳର ତୁହି ଚାରୁ ଅଳଙ୍କାର, ଉତ୍କଳ ଭୁବନେ ଶୋଭାର ଭଣ୍ଡାର’। ରାଧାନାଥ ରାୟଙ୍କ ନମ୍ର ଜାତୀୟତା ପରବର୍ତ୍ତୀ ସତ୍ୟବାଦୀ ଧାରା କବିମାନସରେ ଉଗ୍ର ଉତ୍କଳୀୟ ଭାବନା ମଧ୍ୟ ‘ଉତ୍କଳ’ ନାମକୁ ଗୌରବାନ୍ୱିତ କରିଅଛି। ଜାତୀୟବାଦ କହିଲେ ନିଜ ଜାତି ବା ଦେଶ ପ୍ରତି ମମତ୍ୱବୋଧକୁ ହିଁ ବୁଝାଏ; କିନ୍ତୁ ଏହି ମମତ୍ୱବୋଧ ଯେତେବେଳେ ଉଗ୍ର ହୋଇଯାଏ ସେତେବେଳେ ତାହା ଫାସିବାଦ ନାମ ଧାରଣ କରେ ଯାହା ଆଜି ଆମ ନେତାମାନଙ୍କ ପାଖରେ ପରିଲକ୍ଷିତ ହେଉଛି। ଅପର ପକ୍ଷରେ ଏହି ମାଟିମନସ୍କତା ବସ୍ତୁନିଷ୍ଠ ଭିତ୍ତି ଉପରେ ଗଢ଼ି ନ ଉଠି କେବଳ ସାମୟିକ ଭାବାବେଗ ଓ ମମତା ଉପରେ ପର୍ଯ୍ୟବେଶିତ, ଯାହା ଜାତି ପକ୍ଷରେ ଶୁଭଙ୍କରୀ ନୁହେଁ। ଏଣୁ ଜାତୀୟତାବାଦର ଭାରସାମ୍ୟ ନିର୍ଣ୍ଣୟ ଏକ ମହତ୍ତର ପ୍ରବୃତ୍ତି। ମୋ ମତରେ ଏପରି ଭାବନା ଯେଉଁମାନଙ୍କର ଅଛି ସିଏ ନେତା ହେଉ କି ବୁଦ୍ଧିଜୀବୀ ହେଉ ବା ଶିକ୍ଷାବିତ ତଥା ସାହିତ୍ୟିକ ହେଉ ସେମାନେ ଏପର୍ଯ୍ୟନ୍ତ ଓଡିଆ ହୋଇପାରି ନାହାଁନ୍ତି କି ଓଡିଆ ଜୀବନ ସନ୍ଧାନ ସଠିକ୍ ଭାବେ ଅନ୍ୱେଷଣ କରିପାରି ନାହାଁନ୍ତି। ପୁରାଣ ପୃଷ୍ଠାକୁ ରୋମନ୍ଥନ କଲେ ଯଣାପଡେ ଆଦି ନରପତି ବୈବସ୍ୱତ ମନୁଙ୍କର ଦଶଗୋଟି ସନ୍ତାନ ମଧ୍ୟରେ ଜଣେ ଥିଲେ କିଂ ପୁରୁଷ। ସେ କିଛି କାଳ ପୁଣି ନାରୀ ମଧ ପାଲଟି ଯାଇଥିଲେ। ପୁରୁଷ ଅବସ୍ଥାରେ ସେ ‘ସୁଦ୍ୟୁମ୍ନ’ ନାରୀ ଅବସ୍ଥାରେ ‘ଇଳା’ ଭାବରେ ପରିଚିତ। ସୁଦ୍ୟୁମ୍ନଙ୍କର ତିନି ପୁତ୍ର; ‘ଉତ୍କଳ, ବିନୀତାଶ୍ୱ ଓ ଗୟ’। ଇଳା ବୁଧଙ୍କ ସହିତ ପ୍ରଣୟ କରିବା ଫଳରେ ପୁରୁରବା ନାମକ ପୁତ୍ରର ଜନନୀ ହୋଇଥିଲେ। ବୈବସ୍ୱତ ମନୁ ନିଜ ରାଜ୍ୟକୁ ପୁତ୍ରମାନଙ୍କ ମଧ୍ୟରେ ଭାଗବାଂଟି ଦେବା ଫଳରେ ପୂର୍ବାଞ୍ଚଳ ହେଲା ଇଳା ବା ସୁଦ୍ୟୁମ୍ନଙ୍କର ରାଜ୍ୟ। ପରେ ସୁଦ୍ୟୁମ୍ନଙ୍କ ପୁତ୍ରମାନେ ନିଜ ନିଜ ଅଧିକାରରେ ଯେଉଁ ରାଜ୍ୟ ଶାସନ କଲେ ତଦନୁସାରେ ସେହି ରାଜ୍ୟ ନାମିତ ହୋଇଥିଲା ଏବଂ ଉତ୍କଳଙ୍କ ଦ୍ୱାରା ଶାସିତ ଭୂଖଣ୍ଡ ‘ଉତ୍କଳ’ ରୂପେ କ୍ଷାତ ହୋଇଅଛି। ଭାଗବତ ଶାସ୍ତ୍ର ଅନୁସାରେ ଧ୍ରୁବଙ୍କର ଅନ୍ୟ ନାମ ସୁଦ୍ୟୁମ୍ନ, ଯାହାଙ୍କ ଔରସରେ ଇଳାଙ୍କ ଗର୍ଭଜାତ କୁମାର ଥିଲେ ‘ଉତ୍କଳ’। ତାଙ୍କର ଅଧିନ ଭୂଖଣ୍ଡ ‘ଉତ୍କଳ’ ବୋଲି ବିବେଚିତ। ଆଧୁନିକ ଐତିହାସିକ ମାନଙ୍କ ମଧ୍ୟରେ ହଣ୍ଟର ସାହେବ ଉତ୍କଳର ଅର୍ଥ “The glorious country” କହିବା ବେଳେ ବୀମସ୍ ସାହେବ “Lying beyond the out lying strip land” ଭାବେ ମତ ଦେଇଛନ୍ତି। ପଣ୍ଡିତ ବିନାୟକ ମିଶ୍ର ଏହାକୁ ‘ଉତ୍କୃଷ୍ଟ କଳାର ଦେଶ’ କହିବା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଉତ୍କଳ ଚଉଷଠି ପ୍ରକାର ସୁଗୁଣ ଓ ବିଦ୍ୟା କଳାର ଅନ୍ତର୍ଭୁକ୍ତ। ଏଣୁ ‘ଉତ୍କଳ’ ର ଭାବ ସମ୍ପଦ ସମ୍ପୂର୍ଣ୍ଣ ସାଂସ୍କୃତିକ, ନାନ୍ଦନିକ, ଆତ୍ମିକ ଓ ସାମାଜିକ ଉନ୍ମେଷ ପର୍ବ ବହନ କରେ। ସେତେବେଳେ ଏ ଜାତିର ତନ୍ଦ୍ରାଭଙ୍ଗ କରି ରାଧାନାଥ ଓ ମଧୁସୁଦନ ଗାଇ ଉଠିଥିଲେ ‘ ତୁ ପରା ବୋଲାଉ ଉତ୍କଳ ସନ୍ତାନ ତେବେ କିମ୍ପା ତୁହି ଭୀରୁ, ତୋହର ଜନନୀ ରୋଦନ କରିଲେ କହିବାକୁ କିମ୍ପା ଡରୁ’। କିନ୍ତୁ ଆଜି ବିଧାନ ସଭା ଗୃହରେ ଉତ୍କଳ କୁ କୋଶଳ କରିବାକୁ ନେଇ ଯେଉଁ ରୁଗ୍ଣ ମାନସିକତା ପ୍ରକାଶ ପାଇଛି ଏ ନଗନ୍ୟ ଲେଖକ ମତରେ ସେହି ବ୍ୟକ୍ତି ବିଶେଷଙ୍କ ତନ୍ଦ୍ରା ଏବେ ମଧ ଭଙ୍ଗ ହୋଇନାହିଁ। ପରିଶେଷରେ ଏତିକି କହିବି ଓଡିଶାକୁ ବିଖଣ୍ଡିତ କରିବାର ମନୋବୃତ୍ତିରୁ ଉର୍ଦ୍ଧ୍ୱକୁ ଉଠି ‘ଉତ୍କଳୀୟ ଜୀବନ ଶୈଳୀ ଓ ସଂଗ୍ରାମର ‘ ଆବଶ୍ୟକତା କୁ ଉପଲବ୍ଧି କରିବା ଦରକାର। ମନ୍ଦିର ତୋଳିଲେ ନାଁ ପଡେ ଓ ବାଟରେ ଝାଡା ଫେରିଲେ ନାଁ ପଡେ, ତେବେ ବିଚାର କରନ୍ତୁ ଆମେ କେଉଁ ପଥ ଅବଲମ୍ବନ କରି ନାଁ ସମାଜରେ ପ୍ରତିଷ୍ଠିତ କରିବା ?

ସ୍ତମ୍ଭକାର ଖୋର୍ଦ୍ଧା (୬୩୭୦୬ ୭୫୫୬୨)

ସଫଳତାର ପ୍ରତୀକ ‘ସ୍ୱସ୍ତିକ’

ପଣ୍ଡିତ ସୋମନାଥ ଦାଶ

ପ୍ରାଚୀନ କାଳରୁ ସ୍ୱସ୍ତିକକୁ ଏକ ଅତ୍ୟନ୍ତ ଶୁଭ ପ୍ରତୀକ ଭାବରେ ବିବେଚନା କରାଯାଇ ଆସୁଛି। ହିନ୍ଦୁ ଧର୍ମରେ ଯେକୌଣସି ଶୁଭ କାର୍ଯ୍ୟ ପୂର୍ବରୁ ସ୍ୱସ୍ତିକ ଚିହ୍ନକୁ ସର୍ବଦା ଅଙ୍କିତ କରାଯାଏ। ସ୍ୱସ୍ତିକ ଶବ୍ଦଟି ସୁ + ଅସ୍ + କା ଶବ୍ଦରୁ ଗଠିତ। ‘ସୁ’ ଅର୍ଥ ଭଲ କିମ୍ବା ଶୁଭ, ‘ଅସ’ ଅର୍ଥ ‘ଶକ୍ତି’ କିମ୍ବା ‘ଅସ୍ତିତ୍ୱ’, ଏବଂ ‘କା’ ଅର୍ଥ ‘କର୍ତ୍ତା’। ତେଣୁ ସ୍ୱସ୍ତିକ ଶବ୍ଦକୁ ଶୁଭ ବୋଲି ବିବେଚନା କରାଯାଏ। ସ୍ୱସ୍ତିକକୁ ଭଗବାନ ଗଣେଶଙ୍କ ପ୍ରତୀକ ମଧ ବିବେଚନା କରାଯାଏ। ଗଣେଷ ହେଉଛନ୍ତି ଶୁଭତାର ଦେବତା ଏବଂ ପ୍ରଥମ ପୂଜ୍ୟ ଦେବତା। ତେଣୁ ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ସ୍ୱସ୍ତିକ ଚିହ୍ନ ଆଙ୍କିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ଦେବୀ ଲକ୍ଷ୍ମୀ ଏବଂ ଗଣେଶଙ୍କ ପୂଜା ସମୟରେ ସ୍ୱସ୍ତିକ ଚିହ୍ନ ବିଶେଷ ଭାବରେ ଅପରିହାର୍ଯ୍ୟ। ଏହି ସ୍ୱସ୍ତିକ ଜୀବନରେ ସୌଭାଗ୍ୟ ଏବଂ ପ୍ରଗତି ଆଣିଥାଏ।

ସ୍ୱସ୍ତିକ ଆଙ୍କିବା ସମୟରେ ବ୍ୟକ୍ତିକୁ ବହୁତ ସତର୍କ ରହିବାକୁ ପଡ଼ିଥାଏ। ବାମ ଦିଗକୁ ଇଙ୍ଗିତ କରୁଥିବା ରେଖା ଶୁଭ ନୁହେଁ। ବେଦରେ ସ୍ୱସ୍ତିକକୁ ସୂର୍ଯ୍ୟ ବୋଲି ବିବେଚନା କରାଯାଏ ଏବଂ ଏହାର ଚାରୋଟି ବାହୁକୁ ଚାରି ଦିଗ ସହିତ ତୁଳନା କରାଯାଏ। ଏହା ବ୍ୟତୀତ ସ୍ୱସ୍ତିକର କେନ୍ଦ୍ରକୁ ବିଷ୍ଣୁଙ୍କ କମଳ ନାଭି ଭାବରେ ଚିତ୍ରିତ କରାଯାଇଛି ଏବଂ ରେଖା ଗୁଡ଼ିକ ବ୍ରହ୍ମାଙ୍କ ଚାରି ମୁଖ, ଚାରି ହାତ ଏବଂ ଚାରୋଟି ବେଦକୁ ପ୍ରତିନିଧିତ୍ୱ କରେ। ଅନ୍ୟ ଗ୍ରନ୍ଥଗୁଡ଼ିକରେ ସ୍ୱସ୍ତିକକୁ ଚାରିଯୁଗ ଏବଂ ଚାରୋଟି ଆଶ୍ରମ (ଧର୍ମ, ଅର୍ଥ, କାମ ଓ ମୋକ୍ଷ)ର ପ୍ରତୀକ ମଧ ବିବେଚନା କରାଯାଏ। ଏହି ଅନନ୍ୟ ଶୁଭ ପ୍ରତୀକ ଅନାଦି କାଳରୁ ସମଗ୍ର ବ୍ରହ୍ମାଣ୍ଡରେ ପ୍ରଚଳିତ ହୋଇ ଆସୁଛି। ଭାରତୀୟ ସଂସ୍କୃତିରେ, ପ୍ରାଚୀନ କାଳରୁ ସ୍ୱସ୍ତିକକୁ ଶୁଭତାର ପ୍ରତୀକ ଭାବରେ ବିବେଚନା କରାଯାଏ। ଅଧିକାଂଶ ସ୍ୱସ୍ତିକ ସିନ୍ଦୁର କିମ୍ବା ଲାଲ ସିନ୍ଦୁରରେ ସହିତ ତିଆରି କରାଯାଏ। କାରଣ ହିନ୍ଦୁଧର୍ମରେ ଲାଲକୁ ଶୁଭ ବୋଲି ବିବେଚନା କରାଯାଏ। ସ୍ୱସ୍ତିକ ପ୍ରତୀକକୁ ମଧ ସିନ୍ଦୁର ସହିତ ତିଆରି କରାଯାଏ। ଯଦି କାହାର ମୁଖ୍ୟ ଦ୍ୱାରରେ କୌଣସି ପ୍ରକାର ଦୋଷ ଥାଏ ତେବେ ସେମାନେ ଏଥିରେ ସ୍ୱସ୍ତିକ ଚିହ୍ନ ଆଙ୍କିବା ଉଚିତ। ଏହା ସ୍ୱସ୍ତିକ ଦୋଷର ପ୍ରଭାବକୁ ହ୍ରାସ କରେ ଏବଂ ଘରେ ସୁଖ, ସମୃଦ୍ଧି ଏବଂ ମଙ୍ଗଳ ଆଣେ ବୋଲି ବିଶ୍ୱାସ କରାଯାଏ। ଏହା ବାଧାବିଘ୍ନ ଦୂର କରେ ଏବଂ ସଫଳତା ଆଣେ ବୋଲି ବିଶ୍ୱାସ କରାଯାଏ।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, ‘ମା ଶାରଳା ଆଷ୍ଟ୍ରୋ ପଏଣ୍ଟ’ ସେକ୍ଟର-୭, ସିଡିଏ, କଟକ, ଦୂରଭାଷ : ୭୦୦୮୦୦୦୮୯୮

ବିଜେଡି ମହିଳାଙ୍କ ଗର୍ଜନ ବିଜେପିକୁ ସିଧା ଟାର୍ଗେଟ
ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୨୨।୫: ବିଜୁ ମହିଳା ଜନତାଦଳ ପକ୍ଷରୁ ବୌଦ୍ଧ ଜିଲ୍ଲା ସଭାନେତ୍ରୀ ଦିପ୍ତୀପ୍ରଭା ସ୍ୱାଇଁଙ୍କ ଅଧକ୍ଷତାରେ ବୌଦ୍ଧ ସହର ଠାରେ ଏକ ନାରୀ ଅଧିକାର ସମାବେଶ ଆୟୋଜିତ ହୋଇଯାଇଛି କ୍ଷ ପ୍ରଥମେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି କ୍ଷ ପରେ ସ୍ଥାନୀୟ ଟାଉନ ହଲଠାରେ ଏକ ପ୍ରତିବାଦ ସଭା ଆୟୋଜନ ହୋଇଯାଇଛି । ସମ୍ପ୍ରତି ରାଜ୍ୟରେ କ୍ରମାଗତ ଭାବେ ମହିଳାଙ୍କ ଉପରେ ଅତ୍ୟାଚାର ବଢିଚାଲିଥିବା ବେଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଥିବା ଗୃହବିଭାଗ ନୀରବ ଏବଂ ଅପାରଗ ସାଜିଛି । ୨୦୨୩ ମସିହାରୁ ସଂସଦରେ ମହିଳା ସରଂକ୍ଷଣ ବିଲ ପାରିତ ହୋଇସାରିଥିବା ସତ୍ତ୍ୱେ ୨୦୨୪ ସାଧାରଣ ନିର୍ବାଚନ ରେ ତାହା କାଯ୍ୟକାରି କଲେନାହିଁ । ମୋଦୀ ସରକାର ମହିଳା ସରଂକ୍ଷଣ ବିଲ ଆଡୁଆଳରେ ସୀମାପୁନଃନିର୍ଦ୍ଧାରଣର ଯେଉଁ ଖେଳ ଖେଳୁଥିଲେ ଓଡିଶା ତାହାର ଅଧିକାର ହରାଇବାକୁ ଯାଉଥିଲା । ବିଜୁ ଜନତାଦଳର ଜଣେ ବି ଲୋକସଭା ସାଂସଦ ନଥିବାବେଳେ ପାର୍ଲାମେଣ୍ଟରେ ବିଜୁ ଜନତାଦଳ ବିରୋଧ କଲା ବୋଲି ଯେଉଁ ଡିଣ୍ଡିମ ଭାରତୀୟ ଜନତାପାର୍ଟି ପିଟୁଛି ଆଜିର ସମାବେଶ ତାହାର ଉଚିତ ଜବାବ ଦେଇଛି ବୋଲି ମତ ପ୍ରକାଶ ପାଇଥିଲା ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସଭାପତି ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ଅମାତ ପୂର୍ବତନ ବିଧାୟକ ମହୀଧର ରଣା, ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲାପରିଷଦଅଧକ୍ଷା ପ୍ରଭାସିନୀ ଦାସ, ରାଜ୍ୟସମ୍ପାଦକ ଅଶୋକ ସାହୁ, ଅବକାଶ ସାହୁ କଳ୍ପନା ସାହୁ, ବିଶ୍ୱଜିତ ମିଶ୍ର, ଭାଗିରଥି ମଲ୍ଲିକ ଜସ୍ମିନ ପ୍ରଧାନ, ପ୍ରଭାତ ପ୍ରଧାନ, ରବିଚନ୍ଦ୍ର ପ୍ରଧାନ, ଅଶ୍ୱିନୀ ପ୍ରଧାନ, କାର୍ତିକ ବେହେରା, ଈଶ୍ୱର ବେହେରା, ଦେବହରି ମହାକୁଡ ପ୍ରମୁଖଙ୍କ ନେତୃତ୍ୱରେ ହଜାରେରୁ ଉର୍ଦ୍ଧ କର୍ମୀ ଆଜିର ନାରୀ ଅଧିକାର ସମାବେଶରେ ଯୋଗ ଦେଇଥିଲେ ।

ବିଦ୍ୟୁତ ବିଭାଗର ବେପରୁଆ କାର୍ଯ୍ୟପ୍ରଣାଳୀରେ ଫୁଲନଖରାବାସୀ ଅତିଷ୍ଠ

- ଟ୍ରାନ୍ସଫର୍ମର ଅଗ୍ନିକାଣ୍ଡ ପରେ ରାସ୍ତାକୁ ଓହ୍ଲାଇଲେ ଲୋକେ
- ସ୍ଥାୟୀ ସମାଧାନ ନହେଲେ ତୀବ୍ର ଆନ୍ଦୋଳନ ଚେତାବନୀ

ଫୁଲନଖରା,୨୨।୫: ଭୁବନେଶ୍ୱର ସ୍ଥିତ ଇଲେକ୍ଟ୍ରିକାଲ୍ ଡିଭିଜନ ଅନ୍ତର୍ଗତ ଫୁଲନଖରା ବିଦ୍ୟୁତ ସେକସନ ଅଧୀନସ୍ଥ ଅଞ୍ଚଳରେ ଗୁରୁବାର ରାତିରେ ଘଟିଥିବା ଅଭାବନୀୟ ବିଦ୍ୟୁତ ଦୁର୍ଘଟଣା ସମଗ୍ର ଅଞ୍ଚଳରେ ଭୟ ଓ କ୍ଷୋଭର ପରିସ୍ଥିତି ସୃଷ୍ଟି କରିଛି । ଅଞ୍ଚଳର ଏକ ଟ୍ରାନ୍ସଫର୍ମର ହଠାତ୍ ଭୟଙ୍କର ଭାବେ ପୋଡ଼ିଯାଇଥିବା ବେଳେ ଏଲ୍ଟି ବିଦ୍ୟୁତ ତାର ମଧ୍ୟ ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଥିଲା । ଏହାଫଳରେ ସମଗ୍ର ଅଞ୍ଚଳ ଅନ୍ଧକାରରେ ବୁଡିଯାଇଥିବା ବେଳେ ଲୋକମାନେ ଭୟଭୀତ ଅବସ୍ଥାରେ ରାତି କାଟିଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଘଟଣା ପରେ ସତ୍ୱରା ବିଦ୍ୟୁତ ବିଭାଗ ଓ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଖବର ଦିଆଯାଇଥିଲେ ମଧ୍ୟ କୌଣସି ଅଧିକାରୀ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିନଥିଲେ । ଏପରି ସମ୍ବେଦନଶୀଳ ଓ ଜୀବନଘାତୀ ପରିସ୍ଥିତିରେ ମଧ୍ୟ ବିଭାଗୀୟ ଅବହେଳା ଲୋକମାନଙ୍କୁ ଅଧିକ ଆତଙ୍କିତ କରିଥିଲା । ପରେ ପିସିଆର୍ ଭ୍ୟାନ୍ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କିନ୍ତୁ ଘଟଣା ପରଠାରୁ ଏପର୍ଯ୍ୟନ୍ତ ବିଦ୍ୟୁତ ବିଭାଗର କୌଣସି ଉଚ୍ଚପଦସ୍ଥ ଅଧିକାରୀ ସ୍ଥଳ ପରିଦର୍ଶନ ନ କରିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ଦେଖାଦେଇଛି । ଏହି ଅବ୍ୟବସ୍ଥା ଓ ଅବହେଳା ପ୍ରତିବାଦରେ ଶୁକ୍ରବାର ସ୍ଥାନୀୟ ଲୋକମାନେ ଫୁଲନଖରା ବିଦ୍ୟୁତ ସେକସନ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । କିନ୍ତୁ ସେଠାରେ ମଧ୍ୟ ଟିପିସିଓଡିଏଲ୍ର ଦାୟିତ୍ୱହୀନତାର ନଗ୍ନ ଚିତ୍ର ସାମ୍ନାକୁ ଆସିଥିଲା । ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସେକସନ ଅଫିସରେ ତାଲା ଝୁଲୁଥିବା ବେଳେ କୌଣସି ଅଧିକାରୀ କାର୍ଯ୍ୟାଳୟକୁ ନ ଆସିବା ଲୋକମାନଙ୍କ କ୍ଷୋଭକୁ ଆହୁରି ବଢ଼ାଇଥିଲା । ସାଧାରଣ ଉପଭୋକ୍ତାଙ୍କ ଟଙ୍କାରେ ଦରମା ନେଉଥିବା ଅଧିକାରୀମାନେ ସମସ୍ୟା ସମୟରେ ଲୋକଙ୍କ ପାଖରେ ନ ଥିବାକୁ ନେଇ ଲୋକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଲୋକମାନେ ବିଦ୍ୟୁତ ସମସ୍ୟାରେ ହଇରାଣ ନ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଫୁଲନଖରା ବିଦ୍ୟୁତ ସେକସନ ଓ ଟିପିସିଓଡିଏଲ୍ର କାର୍ଯ୍ୟପ୍ରଣାଳୀ ସେହି ନିର୍ଦ୍ଦେଶକୁ ସଂପୂର୍ଣ୍ଣ ଭାବେ ଅବମାନନା କରୁଥିବା ଅଭିଯୋଗ ହୋଇଛି । ବିଦ୍ୟୁତ ବିଭାଗର ଅବ୍ୟବସ୍ଥା, ଅଦୂରଦର୍ଶିତା ଓ ଅବହେଳା ପାଇଁ ସାଧାରଣ ଲୋକ ନିତ୍ୟ ଯନ୍ତ୍ରଣା ଭୋଗୁଛନ୍ତି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ, ଘରୋଇ ବ୍ୟବହାର ପାଇଁ ଥିବା ଟ୍ରାନ୍ସଫର୍ମରରୁ ବେଆଇନ ଭାବେ କମର୍ସିଆଲ୍ ସଂଯୋଗ ଦିଆଯାଉଥିବାରୁ ଅତ୍ୟଧିକ ଓଭରଲୋଡ୍ ସୃଷ୍ଟି ହେଉଛି । ଫଳରେ ବାରମ୍ବାର ଟ୍ରାନ୍ସଫର୍ମର ପୋଡ଼ିବା, ତାର ଜଳିବା ଓ ଦୀର୍ଘ ସମୟ ବିଦ୍ୟୁତ ବିଚ୍ଛିନ୍ନ ରହିବା ଭଳି ଘଟଣା ଘଟୁଛି । ଏନେଇ ପୂର୍ବରୁ ଲିଖିତ ଭାବେ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନଥିବା ଲୋକମାନେ କହିଛନ୍ତି । ପ୍ରଚଣ୍ଡ ଖରା ଓ ଅସହ୍ୟ ଗରମ ସମୟରେ ବାରମ୍ବାର ବିଦ୍ୟୁତ କାଟ ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପିଇବା ପାଣିର ସମସ୍ୟା ଠାରୁ ଆରମ୍ଭ କରି ଘରୋଇ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେଉଛି । ବିଶେଷକରି ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ବେଳେ ବୃଦ୍ଧ ଓ ରୋଗୀମାନେ ଅସହ୍ୟ କଷ୍ଟ ଭୋଗୁଛନ୍ତି । ତଥାପି ଟିପିସିଓଡିଏଲ୍ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ନ ଦେବା ଘଟଣା ସାଧାରଣ ଲୋକଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି । ସ୍ଥାନୀୟ ବାସିନ୍ଦା ସୁଶାନ୍ତ ମହାନ୍ତି, ମନୋଜ ଶତପଥୀ, ଅଜିତ ପାତ୍ର, ଶିବନାଥ, ସଂଜୀବ ମହାନ୍ତି, କିଶୋର ମନ୍ତ୍ରୀ, ନିକୁଞ୍ଜ ପାତ୍ର, ପ୍ରତିଭା ପ୍ରଧାନ, ଗଣେଶ ବେହେରା ଓ କୃପାସିନ୍ଧୁ ଜେନାଙ୍କ ସମେତ ସମସ୍ତ ଅଞ୍ଚଳବାସୀ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ତୁରନ୍ତ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ କରାନଯାଏ ଓ ଦାୟୀ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ରାଜରାସ୍ତାକୁ ମୁହାଁଇବ ଏବଂ ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ବିଦ୍ୟୁତ ବିଭାଗ ଓ ଟିପିସିଓଡିଏଲ୍କୁ ବହନ କରିବାକୁ ପଡ଼ିବ ।

ଅଟୋ ଦୁର୍ଘଟଣାରେ ସାମନ୍ତରାପୁର ମହିଳା ମୃତ

ପାତ୍ରପୁର,୨୨।୫: ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ ସୁରୋଳ ପଞ୍ଚାୟତ ଅନ୍ତର୍ଗତ ଏରେଣ୍ଡ୍ରା ଗ୍ରାମର ଗୋଟେ ପରିବାର ଗୋଟିଏ ଅଟୋରେ ଯାତ୍ରା କରୁଥିବା ସମୟରେ ପୁରୁଷୋତ୍ତମପୁର ଥାନା ସ୍ଥିତ ଲଡକାପଲ୍ଲୀ ଛକ ନିକଟରେ ବସ ଧକ୍କା ଦେଇ ଘୋଷାଡି ନେଇଥିଲା । ଫଳରେ ଘଟଣାସ୍ଥଳରେ ଗୋଟିଏ ପରିବାରର ଦୁଇ ନାବାଳିକା ଓ ଦୁଇ ମହିଳା ସହ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଆହତ ହୋଇଥିବା ସୂଚନା ମିଳିଛି ।ସେଥିମଧ୍ୟରୁ ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତରା ପୁର ଗ୍ରାମର ଲୀଳାବତୀ ବେହେରା (୪୨) ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।ଝିଆରୀ ର ପରୀକ୍ଷା ଫଳ ବାହାରିବା ପରେ ଲୀଳାବତୀ ନିଜ ବାପ ଘରକୁ ଯାଇଥିଲେ । ବାପଘର ପରିବାର ସହ ଲୀଳାବତୀ ସିଂହାସିନୀ ଦର୍ଶନ ଯାଇଥିବା ବେଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁ ବରଣ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ଲୀଳାବତୀ ଙ୍କ ଶବ ସାମନ୍ତରାପୁର ଗ୍ରାମରେ ପହଞ୍ଚିଥିଲା ଶୁକ୍ରବାର ସନ୍ଧ୍ୟାରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଲୀଳାବତୀ ଙ୍କ ଶବ ସଂସ୍କାର କରାଯାଇଛି । କଂଗ୍ରେସ ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଦ୍ୟାନ ସାମନ୍ତରା ଓ ପାତ୍ରପୁର ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ କୁମାର ପ୍ରଧାନ ଲୀଳାବତୀ ଙ୍କ ଆତ୍ମାର ସଦ୍ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ଙ୍କୁ ସମବେଦନା ଜଣାଇଛନ୍ତି ।

କନ୍ଧବାହାଲ ଶ୍ରମିକଙ୍କ ଟଙ୍କା ଆତ୍ମସାତ ଘଟଣା

ଗାଁ ସାଥି ଉପରେ ପ୍ରଶାସନର ଦୟା

- ଦୁର୍ନୀତି ଖୋର ଗାଁ ସାଥି ଭକ୍ତ ରାମ ସାହୁଙ୍କ ସୁରକ୍ଷା କବଚ ସାଜିଛି ପ୍ରଶାସନ
- ନିଜ ସମ୍ପର୍କୀୟ ନାଁରେ ଶ୍ରମିକଙ୍କ ଝାଳବୁହା ଟଙ୍କାକୁ ଆତ୍ମସାତ କରିଥିଲେ
- ଗାଁ ସାଥି ଭକ୍ତରାମ ସାହୁ ଉପରେ କେବେ ହେବ କାର୍ଯ୍ୟାନୁଷ୍ଠାନ

କଣ୍ଟାବାଞ୍ଜି,୨୨।୫: ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ମୁଣ୍ଡପଦର ପଞ୍ଚାୟତ କନ୍ଧବାହାଲ ଗାଁର ଗାଁ ସାଥି ଭକ୍ତ ରାମ ସାହୁଙ୍କ ନାଁରେ କନ୍ଧବାହାଲ ଗ୍ରାମବାସୀ ଶ୍ରମିକ ମାନଙ୍କ ଟଙ୍କା ଆତ୍ମସାତକୁ ନେଇ ଗାଁ ସାଥିଙ୍କ ଦୁର୍ନୀତି ପଦାକୁ ଆଣିଥିଲେ । କନ୍ଧବାହାଲ ଗାଁର ମାଲମୁଣ୍ଡା ରେ ଶ୍ରମିକ ମାନେ ଦୁଇ ମାସ ମାଟି ବୋହି କାମ କରିଥିଲେ । ହେଲେ ପ୍ରକୃତ କାମ କରିଥିବା ଶ୍ରମିକ ମାନଙ୍କ ନାଁରେ ମନରେଗା ଟଙ୍କା ଜମା ନକରି ଗାଁ ସାଥି ଭକ୍ତ ରାମ ସାହୁ ନିଜ ସମ୍ପର୍କୀୟ ମାନଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ତଥ୍ୟ ସାମ୍ନାକୁ ଆସିଥିଲା । ଠିକ ସେମିତି ଭୁଲିଆମୁଣ୍ଡା ମାଟି ଉନ୍ନତି କରଣ କାମରେ ମଧ୍ୟ ସମ୍ପର୍କୀୟ ଲୋକଙ୍କ ନାଁରେ ଗାଁ ସାଥି ଭକ୍ତ ରାମ ସାହୁ ଟଙ୍କା ଆତ୍ମସାତ କରିଥିବା ପ୍ରମାଣ ହସ୍ତଗତ ହୋଇଥିଲା । କନ୍ଧବାହାଲ ଗାଁର ମାଲମୁଣ୍ଡା, ଭୁଲିଆମୁଣ୍ଡା ଓ ଶିଆଳମୁଣ୍ଡା ମାଟି ଉନ୍ନତି କରଣ କାମରେ ସମାନ ଧରଣର ଦୁର୍ନୀତି ହୋଇଛି । ଶ୍ରମିକ ଙ୍କ ଲକ୍ଷ ଲକ୍ଷ ଟଙ୍କାକୁ ଗାଁ ସାଥି ଭକ୍ତ ରାମ ସାହୁ ହଡପ କରିଥିବା ତଥ୍ୟ ନେଇ ଶ୍ରମିକ ମାନେ ଅଭିଯୋଗ କରିଥିଲେ । ପ୍ରଥମେ କନ୍ଧବାହାଲ ଗ୍ରାମବାସୀ ଏନେଇ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଘଟଣା ଉପରେ ବିଡ଼ିଓ ଟିମ ଗଠନ କରି ତଦନ୍ତ କରାଯିବ ବୋଲି ପ୍ରତିକ୍ରିୟା ରଖିଥିଲେ । ସେହି ଘଟଣାରେ ବ୍ଲକ ପ୍ରଶାସନ କନ୍ଧବାହାଲ ଗାଁକୁ ପହଞ୍ଚି ତଦନ୍ତ କରି ଜାଇଥିଲେ ସୁଦ୍ଧା । ଏପର୍ଯ୍ୟନ୍ତ ଦୁର୍ନୀତି ଖୋର ଗାଁ ସାଥି ଉପରେ ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହି । ତେବେ ବାରମ୍ବାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ବ୍ଲକ କାର୍ଯ୍ୟାଳୟ କୁ କନ୍ଧବାହାଲ ଗ୍ରାମବାସୀ ବାରମ୍ବାର ଦୌଡୁଥିଲେ । ହେଲେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଓଲଟା ସୁରକ୍ଷା ସାଜି ରହିଥିବା ଗ୍ରାମବାସୀଙ୍କ ଅଭିଯୋଗ ହେଉଛି । ଘଟଣା କୁ ମାସ ମାସ ବିତିଯାଇଥିଲେ ସୁଦ୍ଧା ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ଉପରେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନ ନେଇ ଘଣ୍ଟ ଘୋଡାଇ ଆସୁଥିବା ଅଭିଯୋଗ ହେଉଛି ।

ମହିଳାଙ୍କୁ ଅସଦାଚରଣ ଓ ହତ୍ୟା ଉଦ୍ୟମ ଅଭିଯୋଗ
ସୁନା ଗହଣା ନେଇ ପଳାଇଲା ଅଭିଯୁକ୍ତ

ବାଲେଶ୍ୱର,୨୨।୫: ବାନ୍ଧବୀଙ୍କ ସମ୍ପର୍କୀୟଙ୍କ ସହ ମହଙ୍ଗା ପଡ଼ିଲା ମିଳାମିଶା କରିବା । ବନ୍ଧୁତାର ସୁଯୋଗ ନେଇ ଆକ୍ରମଣ କରି ରକ୍ତାକ୍ତ କଲା ଅଭିଯୁକ୍ତ । ଖରାପ ସମ୍ପର୍କ ରଖିବାକୁ ବାଧ୍ୟ କରିବା ଓ ପ୍ରେମ ନିବେଦନରେ ବିଫଳ ହେବାରୁ ଏପରି କରୁଣ ପରିଣତି ଦେଖିବାକୁ ମିଳିଛି । ପ୍ରେମ ନିବେଦନକୁ ସ୍ୱୀକାର ନକରିବାରୁ ଆକ୍ରମଣର ଶୀକାର ହୋଇ ଆହତ ହୋଇଛନ୍ତି ବିବାହିତା ମହିଳା ।ଖବର ଅନୁସାରେ, ଜଣେ ବିବାହିତା ମହିଳାଙ୍କ ସହିତ ଅଭିଯୁକ୍ତ ପ୍ରୀତମ ମହାପାତ୍ରଙ୍କର ଚିହ୍ନା ପରିଚୟ ହୋଇଥିଲା । ସହକର୍ମୀଙ୍କ ବନ୍ଧୁ ହୋଇଥିବାରୁ ମହିଳା ଜଣଙ୍କ ଅଭିଯୁକ୍ତଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ । ପରେ ତାଙ୍କ ସହିତ ଫୋନରେ ମଧ୍ୟ କଥା ହେଉଥିଲେ । କିନ୍ତୁ ଗତ ୧୬ ତାରିଖ ଶନିବାର ଦିନ ପ୍ରୀତମ ପୀଡ଼ିତାଙ୍କୁ ବାରମ୍ବାର କଲ୍ କରିଥିଲେ । ପୀଡ଼ିତା କଲ୍ ଗ୍ରହଣ ନକରିବାରୁ ପ୍ରୀତମ ତାଙ୍କ ସହଦେବଖୁଣ୍ଟା ସେଲଟେକ୍ସ କଲୋନିରେ ଥିବା ଘରକୁ ଯାଇଥିଲେ । ଘର ପଛପଟ କବାଟ ଭାଙ୍ଗି ଭିତରେ ପଶିଥିଲେ । ପରେ ପୀଡ଼ିତାଙ୍କୁ ପ୍ରେମ ନିବେଦନ କରିଥିଲେ । ଏଥିରେ ପୀଡ଼ିତା ରାଜି ନହେବାରୁ ପ୍ରୀତମ ରକ୍ତମୁଖା ହୋଇ ପୀଡ଼ିତାଙ୍କ ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲେ । ଏଥିରେ ବିଫଳ ହେବାରୁ ସେ ତାଙ୍କୁ ଆକ୍ରମଣ କରିବା ସହିତ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲା । ଏହା ଦେଖି ପୀଡ଼ିତାଙ୍କ ଭାଇ ସେଠାକୁ ଆସିବାରୁ ତାଙ୍କୁ ମଧ୍ୟ ପ୍ରୀତମ ବହୁତ ପିଟିଥିଲ । ଏହା ଫଳରେ ତାଙ୍କ ମୁଣ୍ଡ, କାନ, ନାକ ଓ ଆଖିରେ ଗଭୀର ଆଘାତ ଲାଗିଥିଲା । ଏଥିରେ ପୀଡ଼ିତା ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସେଠାରୁ ଆସିବା ପରେ ଏନେଇ ସେ ସହଦେବ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି । ଖାଲି ସେତିକି ନୁହେଁ ପୀଡ଼ିତାଙ୍କ ଠାରୁ ସେ ଜୋରଜବରଦସ୍ତ ସ୍ମାର୍ଟ ଫୋନ, ସୁନା ହାର ଓ ମଙ୍ଗଳ ସୂତ୍ର ଚୋରି କରି ନେଇଥିବା ମଧ୍ୟ ପୀଡ଼ିତା କହିଛନ୍ତି । ଏନେଇ ଥାନାରେ ୨୩୮/୨୬ ନମ୍ବର ବିଶିଷ୍ଟ ମାମଲା ରୁଜୁ ହୋଇଛି । ଏନେଇ ପୁଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୫, ୧୨୬(୨), ୨୯୬, ୩୩୧(୫), ୬୨, ୬୪, ୭୪, ୩୫୧(୨), ୧୧୫(୨) ଭଳି ବିଭିନ୍ନ ଧାରା ଲଗାଇ ତଦନ୍ତ ଚଳାଇଛି ।

ଜନ ସମୁଦ୍ରରେ ପରିଣତ ହେଲା ବିଜେଡି ମହିଳା ସମାବେଶ

ହାଟଡିହି,୨୨।୫: ବିଜେଡିର ବିଶାଳ ମହିଳା ସମାବେଶ ।କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ରେ ବିଧାୟକ ଅଭିମନ୍ୟୁ ସେଠୀ ଙ୍କ ନେତୃତ୍ୱରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି ।ଏହି ମହିଳା ସମାବେଶ ରେ ଲେଖାଶ୍ରୀ ,କେନ୍ଦୁଝର ବିଜେଡି ର ବିଶ୍ୱକର୍ମା ତଥା ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର,ପୂର୍ବତନ ତେଲକୋଇ ବିଧାୟକ ଜଗନ୍ନାଥ ନାଇକ ଅଧକ୍ଷା ସାବିତ୍ରୀ ସେଠୀ,ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ,୩୭ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ,୩୬ ନମ୍ବର ଜିଲ୍ଲାପରିଷଦ ସଦସ୍ୟା କୌଶଲ୍ୟା ସେଠୀ ,୩୫ ନମ୍ବର୍ ଜୋନ ଜିଲ୍ଲାପରିଷଦ ସଦସ୍ୟା ସୁକାନ୍ତି ଜେନା ,ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ଓ ମହିଳା ଶାଖା ସଭାନେତ୍ରୀ କମଳିନୀ ପାତ୍ର,ରାକେଶ ରାମ,ଅମରେନ୍ଦ୍ର ଧଳ ,ଦିପ୍ତିରଞ୍ଜନ ଦାସ, ସମେତ ବହୁ ମାନ୍ୟଗନ୍ୟ ଅତିଥି ମାନେ ଯୋଗ ଦେଇଥିଲେ ।ମହିଳା ସଂରକ୍ଷଣ ବିଲ୍ କୁ ତୁରନ୍ତ ଲାଗୁ କରାଯାଉ ଏବଂ ଲୋକସଭା ଓ ବିଧାନସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଓ ନାରୀ ସୁରକ୍ଷା ପ୍ରସଙ୍ଗ କୁ ନେଇ ବିଜେପି ସରକାର ବିରୋଧରେ ଗର୍ଜିଲେ ବିଜୁ ମହିଳା ଜନତା ଦଳର ହଜାର ହଜାର କର୍ମୀ । ମହିଳା ସମାବେଶ ନାଁ ରେ ବିଜେଡି ଆଜି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଶକ୍ତି ପ୍ରଦର୍ଶନ କରିଛି । ଛେନାପଦି ଛକ ଠାରୁ ଏକ ବିଶାଳ ରାଲି ବାହାରି ହାଟଡିହି ପର୍ଯ୍ୟନ୍ତ ଆସି ନାରୀ ଅଧିକାର ଆନ୍ଦୋଳନ ସମାବେଶ ରେ ପହଞ୍ଚିଥିଲେ ।ଏହାପରେ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ହାଟଡିହି ବିଡ଼ିଓ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ଗ୍ରାମ ଉନ୍ନୟନ ପାଇଁ ଜନସହଭାଗିତାର ଆହ୍ୱାନ
ବେଲଗଛିଆରେ ଗ୍ରାମସଭାକୁ ନେଇ ସଚେତନତାମୂଳକ ଆଲୋଚନା

ଫୁଲନଖରା,୨୨।୫: ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ଗ୍ରାମ ପଞ୍ଚାୟତରେ ଗ୍ରାମସଭାରେ ଜନସାଧାରଣଙ୍କ ବ୍ୟାପକ ଭାଗିଦାରିତା ଓ ଗ୍ରାମୀଣ ଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ଲକ୍ଷ୍ୟରେ ଏକ ସଚେତନତାମୂଳକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ରାଜ୍ୟ ଉପଦେଷ୍ଟା ତପସ୍ୱିନୀ ଚୌଧୁରୀ, ଜିଲ୍ଲା ପ୍ରକଳ୍ପ ମ୍ୟାନେଜର (ଦକ୍ଷତା ବିକାଶ) ଅମ୍ରିତା ମହାନ୍ତି ଏବଂ ଜିଲ୍ଲା ରାଷ୍ଟ୍ରୀୟ ଗ୍ରାମ୍ୟ ସ୍ୱରାଜ ଅଭିଯାନର ଡିପିଏମ୍ ସେଫାଳି ଦାସ ଯୋଗଦେଇ ଗ୍ରାମସଭାର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ । ଆଲୋଚନା ସମୟରେ ଅଧିକାରୀମାନେ କହିଥିଲେ ଯେ, ଗ୍ରାମସଭା ହେଉଛି ଗ୍ରାମ ପଞ୍ଚାୟତର ଲୋକତାନ୍ତ୍ରିକ ଭିତ୍ତିସ୍ତମ୍ଭ । ଗ୍ରାମର ଉନ୍ନୟନ, ପାନୀୟଜଳ, ସ୍ୱଚ୍ଛତା, ରାସ୍ତାଘାଟ, ସାମାଜିକ ସୁରକ୍ଷା ଓ ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ଅତ୍ୟନ୍ତ ଆବଶ୍ୟକ । ଏହା ଦ୍ୱାରା ସରକାରୀ ଯୋଜନା ଗୁଡ଼ିକ ନିମ୍ନସ୍ତରରେ ସଠିକ ଭାବରେ ପହଞ୍ଚିବା ସହ ଲୋକମାନଙ୍କ ଆବଶ୍ୟକତା ଓ ସମସ୍ୟାର ଯଥାର୍ଥ ସମାଧାନ ସମ୍ଭବ ହୋଇପାରିବ ବୋଲି ସେମାନେ ଉଲ୍ଲେଖ କରିଥିଲେ । ଏହି ଅବସରରେ ସରପଞ୍ଚ ମାନିନୀ ସାହୁଙ୍କ ସହ ଗ୍ରାମବାସୀଙ୍କ ଆଲୋଚନା କରାଯାଇ ଗ୍ରାମସଭାରେ କିପରି ଅଧିକ ସଂଖ୍ୟକ ଲୋକଙ୍କ ଉପସ୍ଥିତି ସୁନିଶ୍ଚିତ କରାଯାଇପାରିବ ସେଥିପାଇଁ ବିଭିନ୍ନ ପରାମର୍ଶ ନିଆଯାଇଥିଲା । ବିଶେଷକରି ମହିଳା, ଯୁବପିଢ଼ି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବୃଦ୍ଧବର୍ଗ ଓ ସମାଜର ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ମତାମତ ସଂଗ୍ରହ କରାଯାଇଥିଲା । ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଓ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ । ଗ୍ରାମ ଉନ୍ନୟନରେ ଜନସାଧାରଣଙ୍କ ଭୂମିକା ଓ ସଚେତନତା ବୃଦ୍ଧି ପାଇଁ ଏପରି କାର୍ଯ୍ୟକ୍ରମ ଆହୁରି ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ । ଶେଷରେ ସମସ୍ତଙ୍କ ସକ୍ରିୟ ସହଯୋଗ ଓ ଭାଗିଦାରିତା ମାଧ୍ୟମରେ କାର୍ଯ୍ୟକ୍ରମଟି ସଫଳ ଭାବେ ସମ୍ପନ୍ନ ହୋଇଥିଲା ।

ବେଆଇନ ମଦ କାରବାର ବନ୍ଧ ପାଇଁ ଓଜେସିର ଦାବିପତ୍ର

- ବେଆଇନ ମଦ ବିକ୍ରିର ହବ ପାଲଟିଛି କଣ୍ଟାବାଞ୍ଜି ଅଞ୍ଚଳ
- ପ୍ରଶାସନ ର ଆଖି ତଳେ ଚାଲିଛି ବେଆଇନ ମଦ ବିକ୍ରି କାରବାର
- ବେଆଇନ ମଦ ବିକ୍ରିକୁ ନେଇ ଓଡିଶା ଜନତା କଂଗ୍ରେସର ବିରୋଧ

କଣ୍ଟାବାଞ୍ଜି,୨୨।୫: ବେଆଇନ ମଦ କାରବାର ର ହବ ପାଲଟିଛି । ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଅଞ୍ଚଳ । ଏଠି ଗାଁ ଗାଁର ଘରେ ଘରେ ବିକ୍ରି ହେଉଛି । ବେଆଇନ ଭାବରେ ବହୁ ରକମର ଦେଶୀ ଓ ବିଦେଶୀ ମଦ । ସବୁ ପ୍ରଶାସନ ର ନାକ ତଳେ ଚାଲି ଆସୁଛି ଅଞ୍ଚଳରେ ବେଆଇନ ମଦ ବିକ୍ରି କାରବାର । ତେବେ ଗାଁ ଗାଁ ରେ ବେଆଇନ ମଦ ବିକ୍ରି ବୃଦ୍ଧି ଯୋଗୁ ମଦ ପିଇ,ପରିବାର ମଧ୍ୟରେ ଝଗଡା ସୃଷ୍ଟି ହେବା ସହ ଜୀବନ ମଧ୍ୟ ହାନି ହେଉଥିବା ଅଭିଯୋଗ ହେଉଛି । ଏପରି କି ଗାଁ ମାନଙ୍କରେ ଜୋର ଦାର ମଦ ବିକ୍ରି ହେଉଥିବା ଯୋଗୁ ଯୁବକ ମାନଙ୍କ ମଧ୍ୟରେ ଅନେକ ଝଗଡା ସୃଷ୍ଟି ହେଉଛି । ଏବଂ ଏପରି ସ୍ଥଳେ ଯୁବକ ଙ୍କ ଭବିଷ୍ୟତ ବର୍ବାଦ ହେବାରେ ଲାଗିଛି । ତେବେ ଏପରି ଅଞ୍ଚଳର ପରିସ୍ଥିତି କୁ ଦେଖି ନୂତନ ଭାବେ ତିଆରି ହୋଇଥିବା ଓଡିଶା ଜନତା କଂଗ୍ରେସ ଦଳ କଣ୍ଟାବାଞ୍ଜି ରେ ବୃଦ୍ଧି ପାଉଥିବା ବେଆଇନ ମଦ ବିକ୍ରିକୁ ବିରୋଧି କରି ପଦଯାତ୍ରା ପାଇଁ ସଜବାଜ ହେଉଛି । ଶୁକ୍ରବାର ଦିନ ବଲାଙ୍ଗୀର ଜିଲ୍ଲା ଓଡିଶା ଜନତା କଂଗ୍ରେସର ଜିଲ୍ଲା ସଂଯୋଜକ ରୁପେଶ ବେହେରା ଙ୍କ ନେତୃତ୍ୱରେ କର୍ମୀ ମାନେ କଣ୍ଟାବାଞ୍ଜି ଅବକାରୀ କାର୍ଯ୍ୟାଳୟ କୁ ପହଞ୍ଚି ଅବକାରୀ ଅଧିକାରୀ ରଶ୍ମିତା ଲାକ୍ରା କୁ ଏକ ଦାବିପତ୍ର ପ୍ରଦାନ କରି । ଆଗାମୀ ଜୁନ ୫ ରେ ହେବାକୁ ଥିବା କଣ୍ଟାବାଞ୍ଜି ଅଞ୍ଚଳରେ ଓଡିଶା ଜନତା କଂଗ୍ରେସର ମଦ ବିରୋଧୀ ପଦଯାତ୍ରା ବିଷୟରେ ଦାବି ଜଣାଇ ଆଲୋଚନା କରିଥିଲେ ।

ଜାମିନରେ ମୁକୁଳିଲେ FM କଲେଜର ତତ୍କାଳୀନ ଅଧ୍ୟକ୍ଷ



ବାଲେଶ୍ୱର,୨୨।୫: ଦୀର୍ଘ ୧୦ ମାସ ଧରି ବିଚାର ବିଭାଗୀୟ ହାଜତରେ ରହିବା ପରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ତତ୍କାଳୀନ ଅଧକ୍ଷ ଦିଲ୍ଲିପ ଘୋଷ ଜେଲ୍ରୁ ଜାମିନରେ ମୁକୁଳିଛନ୍ତି । ଜେଲ୍ରୁ ବାହାରିବା ପରେ ସେ ନିଜର ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ସହ ଭେଟିଥିବା ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୫ ମସିହା ଜୁଲାଇ ୧୨ ତାରିଖରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଥିଲା । କଲେଜର ଇଂରାଜୀ ବିଭାଗ ମୁଖ୍ୟ ସମୀର ସାହୁ ଜଣେ ଛାତ୍ରୀଙ୍କୁ ଅନୁଗ୍ରହ (Favor) ମାଗିଥିବା ଅଭିଯୋଗକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଅଭିଯୋଗର ଯଥୋଚିତ ସମାଧାନ ନ ମିଳିବାରୁ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିବା ଘଟଣା ରାଜ୍ୟଜୁଡ଼ା ଚର୍ଚ୍ଚାର ବିଷୟ ପାଲଟିଥିଲା ।ଏହି ଘଟଣାକୁ ନେଇ ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୁଲିସ ଜୁଲାଇ ୧୨ ତାରିଖରେ ମାମଲା ରୁଜୁ କରିଥିଲା । ପରେ ଜୁଲାଇ ୧୪ ତାରିଖରେ ତତ୍କାଳୀନ ଅଧକ୍ଷ ଦିଲ୍ଲିପ ଘୋଷ ଓ ଇଂରାଜୀ ବିଭାଗ ମୁଖ୍ୟ ସମୀର ସାହୁଙ୍କୁ ଗିରଫ କରାଯାଇଥିଲା । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ମାମଲାର ତଦନ୍ତ ଭାର କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା । କ୍ରାଇମ୍ ବ୍ରାଞ୍ଚ ପ୍ରାରମ୍ଭିକ ତଦନ୍ତରେ ୧୨୯ ଜଣ ସାକ୍ଷୀଙ୍କ ଜମାନବନ୍ଦୀକୁ ଆଧାର କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିସାରିଛି । ତେବେ ମାମଲାର ଅଧିକ ତଦନ୍ତ ଏବେ ମଧ୍ୟ ଜାରି ରହିଥିବା ସୂଚନା ମିଳିଛି ।

କଣ୍ଟାବାଡ଼ ଘେରରେ ଶିତିରା ସାହିର ୮ ପରିବାର

ଗାଁ ରୁ ତଡ଼ିଦେବାକୁ ଜାତିଆଣ ଆକ୍ଷେପ ଓ ଧମକ

■ ଠାକୁରଗଡ଼ ଥାନାରେ ଅଭିଯୋଗ

ଆଠମଲ୍ଲିକ,୨୨।୫: କଥାରେ ଅଛି ‘ପରର ସୁଖ ଦେଖିଲେ ଓଡ଼ିଆ ସହିପାରେନାହିଁ’। ଏହି ଉକ୍ତିର ଏକ ଜ୍ୱଳନ୍ତ ତଥା ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ କୃତିବାସପୁର ପଂଚାୟତ ଅନ୍ତର୍ଗତ ଖଡ଼କବାହାଳ ଗ୍ରାମରେ। ଜଣେ ଗରିବ ଶ୍ରେଣୀର ମଣିଷ ମୁଣ୍ଡ ଗୁଞ୍ଜିବାକୁ ଟିକେ ପକ୍କା ଘରଟିଏ କରିବାକୁ ସ୍ୱପ୍ନ ଦେଖିବା ସତେ ଯେମିତି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ପାପ ସଦୃଶ ହୋଇଛି। ପରିଣାମ ସ୍ୱରୂପ, ଦୀର୍ଘ ୨୦-୨୫ ବର୍ଷ ହେବ ବସବାସ କରୁଥିବା ଶିତିରା ସାହିର ୮ଟି ପରିବାରକୁ କଣ୍ଟାବାଡ଼ ଘେରରେ ରଖାଯାଇଥିବା ଭଳି ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଖଡ଼କବାହାଳ ଗ୍ରାମର ବାଉରୀବନ୍ଧୁ ନାଏକ (ପିତା: ଯୋଗୀନ୍ଦ୍ର ନାଏକ) ନିଜର ପାରିବାରିକ ଅସୁବିଧା କାରଣରୁ ନିଜସ୍ୱ ରେକର୍ଡଭୁକ୍ତ ଜାଗା (ଖାତା ନଂ ୫) ରୁ ପ୍ରାୟ ୭୨ ଡେସିମିଲ ଜାଗା ସେହି ଗ୍ରାମର ମିଥୁନ ବେହେରାଙ୍କୁ ବିକ୍ରି କରିଥିଲେ। ଜାଗା କିଣିବା ପରେ ମିଥୁନ ସେଠାରେ ଏକ ଅସ୍ଥାୟୀ ଆଜବେଷ୍ଟସ ଘର ନିର୍ମାଣ କରି ନିଜ ପରିବାର ସହ ରହିଆସୁଥିଲେ। ଚଳିତ ବର୍ଷର ପ୍ରଚଣ୍ଡ ରୌଦ୍ରତାପ ଓ ଜଳାଭାବକୁ ଦୃଷ୍ଟିରେ ରଖି ସେ କିଛି ଦିନ ତଳେ ସେଠାରେ ଏକ ବୋରୱେଲ୍ ଖୋଳାଇ ପାଣିର ବ୍ୟବସ୍ଥା କରିଥିଲେ। ଏହା ସହିତ ନିଜ ପରିବାର ପାଇଁ ଏକ ସ୍ଥାୟୀ ପକ୍କା ଘର ନିର୍ମାଣ ଉଦ୍ଦେଶ୍ୟରେ ବାଲି ଓ ଇଟା ମଧ ଯୋଗାଡ଼ କରୁଥିଲେ। ମିଥୁନଙ୍କର ଏହି ଉନ୍ନତିକୁ ଗ୍ରାମର କିଛି ବ୍ୟକ୍ତି ସହଜରେ ଗ୍ରହଣ କରିପାରିନଥିଲେ। ଅଭିଯୋଗ ମୁତାବକ, ଗ୍ରାମର ପପୁ ସାହୁ ଓ ତାଙ୍କ ପିତା ଜଗବନ୍ଧୁ ସାହୁ ମିଶି ମିଥୁନ ବେହେରାଙ୍କୁ ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ‘ଆମ ଖଡ଼କବାହାଳ ଗ୍ରାମରୁ ଶୀଘ୍ର ଉଠିଯାଅ, ନଚେତ ଘର ଭାଙ୍ଗି ତଡ଼ିଦେବୁ’ ବୋଲି ବାପ-ପୁଅ ଦୁହେଁ ଧମକ ଚମକ ଦେଇଥିଲେ କ୍ଷ କହିଲେ କି କିଣିଥିବା ଜମିରେ କେବଳ ଆମ୍ବ ଗଛ ଲଗେଇ ପାରିବ କିନ୍ତୁ ଘର କରି ରହିପାରିବ ନାହିଁ କହି ଧମକ ଦେଇଥିଲେ । କେବଳ ସେତିକି ନୁହେଁ, ଅଭିଯୋଗ ଅନୁଯାୟୀ ପପୁ ସାହୁ ଓ ଜଗବନ୍ଧୁ ସାହୁ ଗ୍ରାମର ଅନ୍ୟ ୭-୮ ଜଣ ସହଯୋଗୀଙ୍କୁ ଧରି ସମ୍ପୂର୍ଣ୍ଣ ଶିତିରା ସାହିର ଚତୁର୍ପାର୍ଶ୍ୱକୁ କଣ୍ଟାବାଡ଼ ଦେଇ ଅବରୋଧ କରିଦେଇଛନ୍ତି। ଫଳରେ ଗତ ୨୦/୨୫ ବର୍ଷ ହେବ ସେଠାରେ ଶାନ୍ତିରେ ବସବାସ କରୁଥିବା ୮ଟି ନିରୀହ ପରିବାର ଏବେ ନିଜ ସାହି ଭିତରେ ବନ୍ଦୀ ଭଳି ଜୀବନ କାଟିବାକୁ ବାଧ ହେଉଛନ୍ତି। ଏଭଳି ଆଧୁନିକ ସମାଜରେ ଜଣେ ଗରିବ ପରିବାରକୁ ଜାତିଆଣ ଆକ୍ଷେପ କରିବା ଏବଂ ସମ୍ପୂର୍ଣ୍ଣ ସାହିକୁ କଣ୍ଟାବାଡ଼ ଘେରରେ ବନ୍ଦୀ କରିବା କେଉଁ ପ୍ରକାରର ମାନସିକତା ପପୁ ସାହୁ ଓ ତାଙ୍କ ପିତା କେଉଁ ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ବର୍ବର କାଣ୍ଡ ଭିଆଇଛନ୍ତି, ତାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଦାଦାଗିରି ଓ ଅମାନୁଷିକ ଅତ୍ୟାଚାର ବିରୋଧରେ ମିଥୁନ ବେହେରା ଶେଷରେ ଠାକୁରଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ଓ ପୋଲିସର ଉଚ୍ଚ କର୍ତ୍ତୃପକ୍ଷ ଏହି ସମ୍ବେଦନଶୀଳ ଘଟଣା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏକ ନିରପେକ୍ଷ ତଦନ୍ତ କରନ୍ତୁ ଏବଂ ଖଡ଼କବାହାଳ ଶିତିରା ସାହିବାସୀଙ୍କୁ ସୁରକ୍ଷା ସହ ଉଚିତ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସାଧାରଣରେ ଦୃଢ଼ ଦାବି ହେଉଛି।

ବିପଦ ସଙ୍କୁଳ ଅବସ୍ଥାରେ ନର୍ଲା ରୋଡ ରେଲୱେ କ୍ୱାର୍ଟର

କେତେବେଳେ ବି ଭୁଶୁଡି ଯାଇପାରେ ସରକାରୀ କୋଠାଘର

ଭୟଭୀତ ଅବସ୍ଥାରେ ରହୁଥିବା ସରକାରୀ କର୍ମଚାରୀ

ଠିକାଦାରଙ୍କ ମନମାନି ଏବଂ ଦାଇତ୍ୱରେ ଥିବା ଅଧିକାରୀଙ୍କ ପାଇଁ ଏଭଳି ଅବସ୍ଥା

ଭବାନୀପାଟଣା,୨୨।୫: କଳାହାଣ୍ଡି ଜିଲ୍ଲା ନର୍ଲା ରୋଡ ରେଲୱେ କଲୋନୀ ରେ କିଛି ବର୍ଷ ପୂର୍ବେ ନିର୍ମାଣ ହେଇଥିବା ରେଲୱେ ବିଲଡିଂ ଭୁଶୁଡିବା କୁ ବସିଲାଣି। ଏଭଳି ଅଭିଯୋଗ ଆଣିଛନ୍ତି ସରକାରୀ କ୍ୱାଟର ରେ ରହୁଥିବା ସରକାରୀ କର୍ମଚାରୀ। ନର୍ଲା ରୋଡ ସ୍ଥିତ ରେଲୱେ ବିଲଡିଂ କ୍ୱାର୍ଟରର ଅବସ୍ଥା ଦିନକୁ ଦିନ ସଙ୍କଟଜନକ ହେବାରେ ଲାଗିଛି। ନିର୍ମାଣର କିଛି ବର୍ଷ ମଧ୍ୟରେ କ୍ୱାର୍ଟର ଗୁଡ଼ିକର ଚତୁର୍ପାର୍ଶ୍ୱ ଫାଟି ଭୁଶୁଡିବାକୁ ବସିଥିବା ବେଳେ ଛାତରୁ ଲଗାତାର ପାଣି ଝରୁଛି ଏବଂ ବିଭିନ୍ନ ସ୍ଥାନରେ ଛାତର ଅତଡ଼ା ଖସି ପଡୁଥିବା ଦେଖିବାକୁ ମିଳିଛି।କାନ୍ଥରେ ହାତ ମାରିଲେ ପ୍ଲାଷ୍ଟର ଝଡି ପଡୁଛି। କ୍ୱାର୍ଟର ଭିତରେ ଲାଗିଥିବା ଟାଇଲ୍ସର ଅବସ୍ଥା ମଧ ଅତ୍ୟନ୍ତ ଶୋଚନୀୟ। ବିଭିନ୍ନ କ୍ୱାଟର ବିଭିନ୍ନ ସ୍ଥାନରେ ଟାଇଲ୍ସ ଭାଙ୍ଗି ଆଁ କରିଥିବାରୁ ଛୋଟ ଛୋଟ ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଭଙ୍ଗା କାନ୍ଥର ଫାଟ ମାନଙ୍କ ଦ୍ୱାରା ଘର ଭିତରକୁ ସାପ ପଶୁଥିବାରୁ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି କ୍ୱାର୍ଟରରେ ରହୁଥିବା ପରିବାର ଲୋକେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଟିଟିଲାଗଡ଼ର ଜଣେ ଠିକାଦାର ଏହି କାମ ହାତକୁ ନେଇ ନିମ୍ନମାନର କାମ କରି ସରକାରୀ ଟଙ୍କା ହରିଲୁଟ କରିଥିବା କୁହାଯାଉଛି। ନିମ୍ନମାନର କୋଠା ଘର ନିର୍ମାଣ କାରଣରୁ ଅଳ୍ପ କିଛି ବର୍ଷ ମଧ୍ୟରେ କୋଠା ଘର ମାନଙ୍କ ଏଭଳି ଅବସ୍ଥା ହୋଇଥିବାରୁ ରେଲୱେ ବିଭାଗର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଛି। ଏହି ସମ୍ବନ୍ଧରେ ଦାୟିତ୍ୱରେ ଥିବା ଏଓଡବ୍ଲ୍ୟୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, “ମୁଁ କିଛି ବର୍ଷ ପୂର୍ବରୁ ଏଠାକୁ ଆସିଛି, ଏହି କାମ ମୋ ସମୟରେ ହୋଇନଥିଲା।” ତେବେ ସରକାରୀ କ୍ୱାର୍ଟରରେ ରହୁଥିବା ଲୋକଙ୍କ ଜୀବନ କେତେ ସଙ୍କଟ ମଧ୍ୟରେ ରହିଛି ସେ ସମ୍ବନ୍ଧରେ ସ୍ପଷ୍ଟ କିଛି ନ କହି, ଟିଟିଲାଗଡ଼ର ଏସ୍. ଗୋଏଲ ଏହି କାମ କରିଥିବା ଏବଂ ତାଙ୍କ ନିମ୍ନମାନର କାର୍ଯ୍ୟ ପାଇଁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ତୁରନ୍ତ କ୍ୱାର୍ଟର ମରାମତି ସହ ସଂପୃକ୍ତ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

ଜାତୀୟସ୍ତରରେ କୋଟପାଡ଼ ପାଇଁ ଗର୍ବ ଓ ଗୌରବ ଆଣିଲେ ଛାୟାରାଣୀ ବିଶୋଇ

କୋଟପାଡ଼,୨୨।୫: କୋଟପାଡ଼ ହେଉଛି ୨କଳା ଓ ସଂସ୍କୃତିର ମାଟି,ଏହି ପରିପେକ୍ଷୀରେ କୋଟପାଡ଼ ପାଇଁ ଗର୍ବ ଓ ଗୌରବ ଆଣିଲେ ଛାୟାରାଣୀ ବିଶୋଇ,ଜାମସେଦପୁର ଠାରେ ଇଣ୍ଡିଆ ଏସିଆ ଏମ.ବି ପ୍ରଡ଼କ୍ସନ ପ୍ରଯୋଜିତ ନେସନାଲ ଜାତୀୟ ସ୍ତରରେ ସୁନ୍ଦରତା ପ୍ରତିଯୋଗିତାରେ ମିଶ ବିଉଟିଫୁଲ ସ୍ମାଇଲ ପୁରସ୍କାର ଆଣି କୋଟପାଡ଼ର ନାମକୁ ଭାରତ ସ୍ତରରେ ଉଚ୍ଚ ସ୍ଥାନରେ ଆଣି ଗର୍ବ ଓ ଗୌରବ ଆଣିଛନ୍ତି,ବିଶେଷ କରି ମିଶ ଇଣ୍ଡିଆ ଏସିଆ ପ୍ରତିଯୋଗିତାରେ ଦ୍ୱିତୀୟ ରୋନେର ପୁରସ୍କାର ପାଇଥିବାରୁ ଓଡିଶାରୁ ଜଣେ ମାତ୍ର କୋଟପାଡ଼ ଅଞ୍ଚଳ ପାଇଁ ପୁରସ୍କାର ମିଳିଥିବାରୁ କୋରାପୁଟ ଜିଲ୍ଲା ସହିତ କୋଟପାଡ଼ ଅଞ୍ଚଳରେ ଖୁସିର ମୋହଲ ଖେଳିଯାଇଛି ଓ ବିଭିନ୍ନ କ୍ଷେତ୍ରରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି, ଛାୟା ରାଣୀ ବିଶୋଇ ହେଉଛନ୍ତି କୋଟପାଡ଼ ଅଞ୍ଚଳର କେନ୍ଦୁଗୁଡା ନିବାସୀ ସୁରେଶ ଚନ୍ଦ୍ର ବିଶୋଇ ଓ ଯଛନାରାଣୀ ବିଶୋଇଙ୍କ ଜ୍ୟୋଷ୍ଠ କନ୍ୟା,ସୂଚନା ଥାଉକି ଛାୟାରାଣୀ ବିଶୋଇ ପ୍ରାରମ୍ଭିକ ଶିକ୍ଷା ଓଡିଶା ଆଦର୍ଶ ବିଦ୍ୟାଳୟରେ ପଢି +୨ ପାସ ପରେ ଜୟପୁର ଠାରେ ନର୍ସିଙ୍ଗ ପାଠ ପଢୁଥିବା ବେଳେ ଅନଲାଇନ ଏଡିସନରେ ଇଣ୍ଡିଆ ଏସିଆ ଏମ.ବି ପ୍ରଡ଼କ୍ସନରେ ଜାମସେଦପୁର ଠାରେ ଯାଇ ନିଜର ପ୍ରତିଭା ଉପସ୍ଥାପନା କରି କୋଟପାଡ଼ ମିର୍ଗାଣ ଶାଢ଼ୀ,ଦୁରୁଆ ସମ୍ପ୍ରଦାୟର ସଂସ୍କୃତିକୁ ଉପସ୍ଥାପନା କରିଥିଲେ ,ବିଶେଷକରି କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ମିର୍ଗାଣ ଶାଢ଼ୀ ଓ ମାଣ୍ଡିଆ ପାଇଁ ପ୍ରସିଦ୍ଧ ଥିଲା ବେଳେ ଛାୟାରାଣୀ ବିଶୋଇଙ୍କ କୃତିତ୍ୱ କୋଟପାଡ଼ ପାଇଁ ସ୍ମରଣୀୟ ରହିବ ଏବଂ ଯୁବ ପିଢ଼ି ଝିଅ ମାନଙ୍କୁ ଗୋଟିଏ ଉଦାହରଣ ମିଳିବ ତାହା ତିଳେ ମାତ୍ର ସନ୍ଦେହ ନାହିଁ।

ଗଣମାଧମ ପ୍ରତିନିଧିଙ୍କୁ ନେଇ ଗଠିତ ହେଲା ‘ବଟବୃକ୍ଷ ସୁରକ୍ଷା ମଞ୍ଚ’

ବାଲେଶ୍ୱର,୨୨।୫: ବାଲେଶ୍ୱରରେ ଗତ ୧୮ ତାରିଖ ପୂର୍ବାହ୍ନରେ ବିଭିନ୍ନ ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧମର ପ୍ରତିନିଧିମାନଙ୍କୁ ନେଇ “ବଟବୃକ୍ଷ ସୁରକ୍ଷା ମଞ୍ଚ” ନାମକ ଏକ ନୂତନ ସଂଗଠନ ଗଠିତ ହୋଇଛି। ସମାଜର ବିଭିନ୍ନ ଜନହିତକର କାର୍ଯ୍ୟରେ ସକ୍ରିୟ ଭାଗୀଦାର ହେବା ସହ ପରସ୍ପର ମଧ୍ୟରେ ଭାବର ଆଦାନ-ପ୍ରଦାନ ଓ ସାମାଜିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ମଞ୍ଚ ଗଠନ କରାଯାଇଥିବା ସୂଚନା ମିଳିଛି। ଧୀରଜ କୁମାର ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଅଭୟ କୁମାର ଦାସ, ମନୋଜ ବିଶ୍ୱାଳ, କୁସୁମ ପଣ୍ଡା, କଞ୍ଚମଣୀ ସ୍ୱାଇଁ, ତପନ ଦାସ, ହୃତିକ ନାୟକ, ସଞ୍ଜୟ କୁମାର ମହାଳିକ, ସଞ୍ଜିତ କୁମାର ଘୋଷ, ଆଶୁତୋଷ ମଲ୍ଲିକ, ମିତ୍ରଭାନୁ ପଲେଇ, ଜୀବନ ଜ୍ୟୋତି ନାୟକ, ପ୍ରସନ୍ନଜିତ ଆଶ, ଭଗବାନ ଚନ୍ଦ୍ର ଦାସ, ପ୍ରଦୀପ ବେରା, ଭାଗବତ ଦାସ, ଦେବବ୍ରତ ପାଣିଗ୍ରାହୀ, ଗୁରୁପ୍ରସାଦ ବାରିକ, ଚନ୍ଦନ ପାଣିଗ୍ରାହୀ, ବିନାୟକ ମହାପାତ୍ର, ତ୍ରିଲୋଚନ ଉପାଧ୍ୟାୟ, ଚିତ୍ତରଞ୍ଜନ ନାୟକ, କଳିଙ୍ଗ ସାହୁ, ରମଣୀରଞ୍ଜନ ଦାସ ଓ ମୃତ୍ୟୁଞ୍ଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଆଗାମୀ ଦିନରେ ସାମାଜିକ, ପରିବେଶ ସୁରକ୍ଷା ଓ ଜନସେବାମୂଳକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ସଂଗଠନକୁ ଆଗକୁ ବଢ଼ାଇବାକୁ ସଦସ୍ୟମାନେ ମତ ପ୍ରକାଶ କରିଥିଲେ।

ଜମିବାଡ଼ି ବିବାଦରୁ ସୋର କୋର୍ଟ ସମ୍ମୁଖରେ ରକ୍ତାକ୍ତ କାଣ୍ଡ

ବାପାଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଲେ ଦୁଇ ପୁଅ

■ ଜଣେ ଗିରଫ ଓ ଅନ୍ୟଜଣେ ଫେରାର



ବାଲେଶ୍ୱର,୨୨।୫: ସାମାନ୍ୟ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସୋର କୋର୍ଟ ସମ୍ମୁଖରେ ଘଟିଛି ଏକ ଚାଞ୍ଚଲ୍ୟକର ଓ ଅମାନବୀୟ ଘଟଣା। ଜନ୍ମଦାତା ବାପାଙ୍କୁ ଦୁଇ ପୁଅ ଧାରୁଆ ଅସ୍ତ୍ରରେ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରି ଗୁରୁତର ଆହତ କରିଥିବା ଘଟଣା ଆଜି ଦିନଦ୍ୱିପ୍ରହରରେ ସୋର କୋର୍ଟ ପରିସର ସମ୍ମୁଖ ରାସ୍ତାରେ ଦେଖିବାକୁ ମିଳିଛି। ଗୁରୁତର ଆହତ ବୃଦ୍ଧଙ୍କୁ ପ୍ରଥମେ ସୋର ଚିକିତ୍ସାଳୟ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ବୃଦ୍ଧ ହେଲେ ସୋର ଥାନା ଅନ୍ତର୍ଗତ ତୁଣ୍ଡପଡା ଗ୍ରାମର ଗଣେଶ ବାରିକ। ଅଭିଯୁକ୍ତ ଦୁଇ ପୁଅ କିରଣ କୁମାର ବାରିକ ଓ କ୍ଷୀରୋଦ କୁମାର ବାରିକଙ୍କ ସହ ଗଣେଶଙ୍କର ଦୀର୍ଘଦିନ ଧରି ଜମିବାଡ଼ି ଭାଗବଣ୍ଟାକୁ ନେଇ ବିବାଦ ଲାଗିରହିଥିଲା। ସୂଚନା ଅନୁଯାୟୀ, ଆଜି ଉଭୟ ପୁଅ ଗଣେଶଙ୍କୁ ସୋର କୋର୍ଟ ନିକଟକୁ ଡାକିଥିଲେ। ସେଠାରେ ଜମିବାଡ଼ି ପ୍ରସଙ୍ଗକୁ ନେଇ ପୁଣିଥରେ ବଚସା ଆରମ୍ଭ ହୋଇଥିଲା। କିଛି ସମୟ ପରେ ବିବାଦ ଉଗ୍ର ରୂପ ନେବା ସହ ଦୁଇ ପୁଅ ପୂର୍ବ ଯୋଜନା ଅନୁଯାୟୀ ଏକ ଧାରୁଆ ‘ତେଲେଙ୍ଗା କଟୁରି’ରେ ବାପାଙ୍କୁ ଆକ୍ରମଣ କରିଥିଲେ।ପ୍ରାଣ ବଞ୍ଚାଇବା ପାଇଁ ଗଣେଶ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ ଦୁଇ ପୁଅ ତାଙ୍କୁ ରାସ୍ତାରେ ଗୋଡ଼େଇ ଗୋଡ଼େଇ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିବା ପରେ ଜଣେ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିବାବେଳେ ଅନ୍ୟଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସଙ୍କ ଜିମା ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଗଣେଶଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସୋର ଚିକିତ୍ସାଳୟ ଏବଂ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି।

ଦିନ ମଜୁରିଆଙ୍କ ଝିଅର କମାଲ୍

+୨ ପରୀକ୍ଷାରେ ୫୬୮ ନମ୍ବର ରଖି ସାଇନ୍ସ ଏକାଡେମୀର ଗୌରବ ବଢ଼ାଇଲେ ସ୍ୱାଗତିକା

ଜଗତସିଂହପୁର,୨୨।୫: ଚଳିତ ବର୍ଷର +୨ ପରୀକ୍ଷା ଫଳାଫଳରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅଞ୍ଚଳର ସାଇନ୍ସ ଏକାଡେମୀ ପୁନର୍ବାର ସଫଳତାର ନୂଆ ଅଧ୍ୟାୟ ଲେଖିଛି। ଆଦିକବି ଶାରଳା ଦାସ ମହାବିଦ୍ୟାଳୟ ଓ ସାଇନ୍ସ ଏକାଡେମୀର ଛାତ୍ରୀ ସ୍ୱାଗତିକା ବେହେରା ୫୬୮ ନମ୍ବର ରଖି ଉତ୍କୃଷ୍ଟ ସଫଳତା ହାସଲ କରିଛନ୍ତି। ସେ କଲେଜର ବିଜ୍ଞାନ ବିଭାଗରେ ଦ୍ୱିତୀୟ ଟପ୍ପର ହୋଇଥିବା ବେଳେ ସାଇନ୍ସ ଏକାଡେମୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସ୍ୱାଗତିକାଙ୍କ ଘର ଏରସମା ବ୍ଲକ୍ ?ର ବଡବୁଦା ଅଞ୍ଚଳରେ। ତାଙ୍କ ବାପା ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମା’ ଜଣେ ଗୃହିଣୀ। ଆର୍ଥିକ ସମସ୍ୟା ସତ୍ତ୍ୱେ ସ୍ୱାଗତିକା କଠିନ ପରିଶ୍ରମ ଓ ନିଷ୍ଠାର ସହିତ ପଢ଼ାଶୁଣା କରି ଏହି ସଫଳତା ଅର୍ଜନ କରିଛନ୍ତି। ସେ ପ୍ରତିଦିନ କୋଚିଂ ପଢ଼ା ସହ ୯ ଘଣ୍ଟାରୁ ଅଧିକ ସମୟ ଅଧ୍ୟୟନ କରୁଥିବା କହିଛନ୍ତି। ସଫଳତା ପରେ ସ୍ୱାଗତିକା ତାଙ୍କ ପରିବାର, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଏହାର ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ଜଣେ ଡାକ୍ତର ହୋଇ ସମାଜସେବା କରିବା ତାଙ୍କ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ସାଇନ୍ସ ଏକାଡେମୀ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସ୍ୱାଗତିକାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି +୨ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ୧୩ ଜଣ ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇ ଅଭିନନ୍ଦନ ଜଣାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ଼ଃ କ୍ଷୀରୋଦ କୁମାର ଓଝା, ଏକାଡେମୀ ମୁଖ୍ୟ ପ୍ରଗତିକା ପାଣି, ଶିକ୍ଷକ ସନ୍ତୋଷ କୁମାର ଖୁଣ୍ଟିଆ, ଲକ୍ଷ୍ମୀଧର ପ୍ରଧାନ, ଶୁଭ୍ରାଂଶୁ ଶେଖର ସାହୁ, ପ୍ରିୟବ୍ରତ ଶତପଥୀ, ସୁପ୍ରିୟା ରାଉତ, ରାନୁ ଓ ଶୁଭଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କୋଚିଂର ଅଜିତ କୁମାର ସାହୁ ଓ ରାଜେଶ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ପୂର୍ବବର୍ଷ ମଧ ଏହି ଏକାଡେମୀର ଜଣେ ଛାତ୍ରୀ ଆଦିକବି ଶାରଳା ଦାସ ମହାବିଦ୍ୟାଳୟରେ ଟପ୍ପର ହୋଇଥିବାରୁ, ପ୍ରତିବର୍ଷ ଉତ୍କୃଷ୍ଟ ଫଳାଫଳ କରି ସାଇନ୍ସ ଏକାଡେମୀ ଜିଲ୍ଲାରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ

ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ସମୀକ୍ଷା ବୈଠକ

ବଣାଇ,୨୨।୫: ଓଡ଼ିଶାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମାନ୍ୟବର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲ୍ଲାର ପ୍ରଭାରୀ ଶ୍ରୀ ସୁରେଶ ପୂଜାରୀଙ୍କ ଦିନିକିଆ ସୁନ୍ଦରଗଡ଼ ଗସ୍ତ। ଏହି ଗସ୍ତ ସମୟରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟ ତଥା ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ସଦର ତହସିଲ ପ୍ରାଙ୍ଗଣରେ ଆୟୋଜିତ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ସଦର ତହସିଲ ଓ ଲେଫ୍ରୀପଡା ତହସିଲ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାଳୟ ଏବଂ ସରକାରୀ ବାସଗୃହ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥି ମଧ୍ୟରୁ ନୂତନ ସଦର ତହସିଲ କାର୍ଯ୍ୟାଳୟ, ସଦର ତହସିଲ ଆର. ଆଇ. କାର୍ଯ୍ୟାଳୟ ତଥା ବାସଗୃହ ନିର୍ମାଣ, ମଝାପଡ଼ା ଆର୍ ଆଇ କାର୍ଯ୍ୟାଳୟ ତଥା ବାସଗୃହ, ଭସ୍ମା ଆର୍ .ଆଇ କାର୍ଯ୍ୟାଳୟ ତଥା ବାସଗୃହ ନିର୍ମାଣ ରହିଛି। ସେହିଭଳି ଲେଫ୍ରୀପଡ଼ା ଆର୍ . ଆଇ . କାର୍ଯ୍ୟାଳୟ ତଥା ବାସଗୃହ, ଲେଫ୍ରୀପଡ଼ା ତହସିଲ କାର୍ଯ୍ୟାଳୟ, ରାଇଡିହି ଆର୍ ଆଇ କାର୍ଯ୍ୟାଳୟ ତଥା ବାସଗୃହ ଏବଂ ଲେଫ୍ରୀପଡ଼ା ତହସିଲ ଠାରେ ଓସ୍ୱାନ ଭିଡିଓ କନଫରେନ୍ସ ହଲ୍ ନିର୍ମାଣ ଆଦି ରହିଛି। ଏହି ଅବସରରେ ସଦର ତହସିଲ ର ୨୫ ଜଣ ଏବଂ ଲେଫ୍ରୀପଡ଼ା ତହସିଲ ଅନ୍ତର୍ଗତ ୧୭ ଜଣ ହିତାଧିକାରୀ ମାନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ସେହିଭଳି ପାଣି ରେ ବୁଡି ମୃତ୍ୟ ବରଣ କରିଥିବା ୨ ଜଣଙ୍କ ନିକଟତର ପରିଜନଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଓଡ଼ିଶା ବିଧାନ ସଭାର ମାନ୍ୟବର ଉପ ବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ, ସଦର ଉପ ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ଏବଂ ବରିଷ୍ଠ ନେତୃବୃନ୍ଦ, ଅନ୍ୟାନ୍ୟ ଅଧିକାରୀ ତଥା ହିତାଧିକାରୀ ମାନେ ଉପସ୍ଥିତ ଥିଲେ। ପରେ ପରେ ସ୍ଥାନୀୟ ବିକାଶ ଭବନ ଠାରେ ମାନ୍ୟବର ମନ୍ତ୍ରୀ ଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମାନ୍ୟବର ଉପ ବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ମାନ୍ୟବର ସଦର ବିଧାୟକ ଶ୍ରୀ ଯୋଗେଶ କୁମାର ସିଂ, ମାନ୍ୟବର ରଘୁନାଥପାଲି ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ବଣାଇ ଉପ ଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଦାସ, ପାନପୋଷ ଉପଜିଲ୍ଲାପାଳ ଶ୍ରୀ ଚନ୍ଦ୍ରକାନ୍ତ ମଲ୍ଲିକ, ସମସ୍ତ ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼ା ମହାପାତ୍ର ଜିଲ୍ଲା ରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ତଥା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ବୈଠକ ରେ ମାନ୍ୟବର ମନ୍ତ୍ରୀ ବିଭିନ୍ନ ବିଭାଗ ଗୁଡ଼ିକର କାର୍ଯ୍ୟକଳାପ ଉପରେ ସମୀକ୍ଷା କରି ଜନସାଧାରଣମାନେ ନିଜର କାର୍ଯ୍ୟ ନିମନ୍ତେ ପ୍ରଶାସନ ପାଖକୁ ଆସିବା ପରିବର୍ତ୍ତେ ପ୍ରଶାସନ ଜନସାଧାରଣଙ୍କ ନିକଟରେ ପହଞ୍ଚି ସମସ୍ତ ସରକାରୀ ସୁବିଧା, ଯୋଜନା,କାର୍ଯ୍ୟକ୍ରମ ଆଦି କିଭଳି ପହଞ୍ଚି ପାରିବ ଏବଂ ସମସ୍ତେ କିଭଳି ଯୋଜନା ଗୁଡ଼ିକରେ ସାମିଲ ହୋଇପାରିବେ ତାହା ଉପରେ ପୂଜାରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମୀକ୍ଷା କରିଥିଲେ ଏବଂ ଜବରଦଖଲ ଉଚ୍ଛେଦ, ବାଲି ର ଚୋରା ଚାଲାଣ ରୋକିବା ଆଦି ଉପରେ ଆଲୋଚନା କରିଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱାରୋପ କରିଥିଲେ ଏବଂ ସମୟ ମଧ୍ୟରେ ଅନୁକମ୍ପା ରାଶି ପ୍ରଦାନ କରାଯିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ନିମନ୍ତେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ମଧ ଗୁରୁତ୍ୱ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଡାକ୍ତର ଏବଂ ଅଣ ଡାକ୍ତର ମାନଙ୍କ ସ୍ଥିତି, ଜିଲ୍ଲାରେ ଚାଲୁଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ମଧ ଆଲୋକପାତ କରିଥିଲେ । ସେହିଭଳି ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଏବଂ ୱାଟକୋ ପକ୍ଷ ରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକ ଉପରେ ଆଲୋଚନା ହୋଇଥିଲା।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati | Executive Editor : Satyajit Mohapatra | Managing Editor : Jitendra Ku. Pati